# ସ୍ୱରୂପ ଦାସ ପୁଣି ବାଲେଶ୍ୱର ସଦର ବିଜେଡି ପ୍ରାର୍ଥୀ

ବାଲେଶ୍ୱର, ୫।୪(ସମିସ):



ପୁଣିଥରେ ସ୍ୱରୂପ ଦାସ ହାତେଇଲେ ବିଜେଡି ଟିକଟ । ତାଙ୍କ ସମର୍ଥକ ମହଲରେ ଖେଳିଲା ଖୁସିର ଲହରି । ଶୁକ୍ରବାର ସନ୍ଧ୍ୟାରେ ବିଜେଡ଼ିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ବାଲେଶ୍ୱର ସଦର ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଭାବରେ ସ୍ୱରୂପ ଦାସଙ୍କ ନାମ ଘୋଷଣା କରିଛନ୍ତି । ଗତ କିଛିମାସ ଧରି ବାଲେଶ୍ୱର ସଦର ବିଧାନସଭା କ୍ଷେତ୍ରର ଟିକଟକୁ କେନ୍ଦ୍ରକରି ବହୁ ଛକାପଞ୍ଝା ଲାଗିରହିବା ପରେ ଶେଷରେ ସ୍ୱରୂପଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଛି । ସ୍ୱରୂପ ଦାସଙ୍କୁ ଟିକଟ ମିଳିବା ଖବର ପ୍ରଚାର ହେବା ପରେ ତାଙ୍କ ଆଜିମାବାଦ ସ୍ଥିତ ବାସଭବନ କାର୍ଯ୍ୟାଳୟ ଠାରେ ଶହଶହ ସମର୍ଥକଙ୍କ ସୁଅ ଛୁଟିଥିଲା । ବହୁ ଦଳୀୟ ନେତା, ବୁଦ୍ଧିଜୀବୀ, ସାଧାରଣ ଭୋଟର, ବହୁସଂଖ୍ୟାରେ ସ୍ୱରୂପ ଦାସଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କର ବିଜୟ କାମନା କରିଛନ୍ତି । ଏଠାରେ ସୂଚନାଯୋଗ୍ୟ, ବାଲେଶ୍ୱର ପୌରାଞ୍ଚଳରେ ଜଣେ କାଉନସିଲର ଭାବରେ ରାଜନୀତି କ୍ୟାରିୟର ଆରମ୍ଭ କରି ଶ୍ରୀ ଦାସ ଉପନିର୍ବାଚନରେ ପ୍ରଥମଥର ବିଧାୟକ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରି ବାଲେଶ୍ୱର ସଦର ଆସନକୁ ଅକ୍ତିଆର କରିଥିଲେ । ସେହିଦିନ ଠାରୁ ସେ ନିଜକୁ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରି ଜଣେ ନିଷ୍ପାପର ନେତା ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ଏହାକୁ ପାଥେୟ କରି ତାଙ୍କୁ ପୁନର୍ବାର ଦଳ ପ୍ରାର୍ଥୀ କରିଥିବାରୁ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦଳୀୟ କର୍ମୀ ଓ ନେତାମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି । ବିଜେଡ଼ି ପ୍ରାର୍ଥୀ ସ୍ୱରୂପ ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ଦଳର ସମସ୍ତ ରାଜ୍ୟ ନେତୃବୃନ୍ଦ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳୀୟ ଟିକଟ ପ୍ରଦାନ କରିଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ପୁଣି ଥରେ ସୁଯୋଗ ମିଳିଛି ବୋଲି ଶ୍ରୀ ଦାସ କହିଛନ୍ତି । ଆଗାମୀ ନିର୍ବାଚନରେ ଶ୍ରୀ ଦାସ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରିଛନ୍ତି ।



ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ଆଖୁରସ ଓ ତରଭୁଜ ଦୋକାନରେ ଲୋକେ

## ଭଡ଼ାଘରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର ମାମଲାର ପର୍ଦ୍ଦାଫାସ

# ଅନୈତିକ ସମ୍ପର୍କରୁ ହତ୍ୟା, ପ୍ରେମିକ ଗିରଫ





ଭଦ୍ରକ, ୫।୪(ସମିସ): ଭଦ୍ରକ ସହରାଞ୍ଚଳ ଅପର୍ତ୍ତିବିନ୍ଧା ନିଉ କଲୋନୀସ୍ଥିତ ଏକ ବନ୍ଦ ଭଡ଼ାଘରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିଛି । ହତ୍ୟାକାରୀ ହେଉଛନ୍ତି ଆଶିଷ ମହାନ୍ତି । ସେ ଜଣେ ଫାର୍ମାସିଷ୍ଟ ବୋଲି ପୁଲିସ ସୂଚନା ଦେଇଛି । ତାଙ୍କ ଘର ଜଗତସିଂହପୁର ଜିଲ୍ଲା ଟାଉନ ଥାନା ଅଧୀନ ଅଗର ଗାଁରେ ବୋଲି ଜଣାଯାଇଛି । ସେ ମଧ୍ୟ ଜଣେ ବିବାହିତ ଯୁବକ ଓ ତାଙ୍କର ମୃତା ମହିଳାଙ୍କ ସହ ଗତ ୨୦୨୧ରୁ ଅନୈତିକ ସମ୍ପର୍କ ଥିବା ପୁଲିସ ସୂଚନାରୁ ଜଣାଯାଇଛି ।

ସୂଚନାଯୋଗ୍ୟ, ଅପର୍ତ୍ତିବିନ୍ଧା ନିଉକଲୋନୀ ଭଡ଼ା ଘରେ ରହୁଥିବା ମଧୁସ୍ମିତା ନାୟକ(୪୨)ଙ୍କ ଘର କବାଟରେ ତାଲା ପଡ଼ିଥିବା ନେଇ ସୁଦୂର ମୁମ୍ବାଇରେ ରହୁଥିବା ତାଙ୍କ ସ୍ୱାମୀ ମହେଶ୍ୱର ନାୟକଙ୍କୁ ଘର ମାଲିକ ଗତ ୨୩ ତାରିଖରେ ଖବର କରିଥିଲେ । ଗତ ୨୯ ତାରିଖରେ ଟାଉନ ଥାନାରେ ଏକ ମିସିଂ ରିପୋର୍ଟ କରିଥିଲେ ସ୍ୱାମୀ ମହେଶ୍ୱର । ଗତ ୩୦ତାରିଖରେ ମାଜିଷ୍ଟ୍ରେଟ ଭଦ୍ରକ ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମକେଶରୀ ଖୁଣ୍ଟିଆ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତିଙ୍କ ସହ ସାଇଣ୍ଟିଫିକ ଓ ଫରେନ୍‌ସିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବନ୍ଦ ଘର ତାଲା ଭାଙ୍ଗି ମହିଳାଙ୍କ ଗଳିତ ଶବକୁ ଉଦ୍ଧାର କରିଥିଲେ । ମୃତକଙ୍କ ଶରୀରକୁ ଏକ କମ୍ବଳରେ ଘୋଡାଯାଇଥିବା ବେଳେ ମୃତଦେହ ପାଖରେ ଏକ ଟ୍ୟୁବ୍‌ୱେଲ ରଡ ଓ ଛୁରି ପଡ଼ିଥିଲା ।

ତିହିଡ଼ି ଥାନା ଅଧୀନ ଗୋଳାପୋଖରୀ ଅଞ୍ଚଳର ମହେଶ୍ୱର ନାୟକ ମୁମ୍ବାଇରେ ଚାକିରି କରୁଥିବା ବେଳେ ତାଙ୍କ ପତ୍ନୀ ମଧୁସ୍ମିତା ଅପର୍ତ୍ତିବିନ୍ଧା ନିଉ କଲୋନୀରେ ଏକାକୀ ଗତ ୬ମାସ ହେବ ଭଡ଼ା ଘରେ ରହୁଥିଲେ । ତେବେ ସ୍ୱାମୀ ମହେଶ୍ୱର ଗତ ୧୪ ଦିନ ହେବ ସ୍ତ୍ରୀକୁ ଫୋନ କରିବାରୁ ସ୍ତ୍ରୀ ମଧୁସ୍ମିତା ସ୍ୱାମୀଙ୍କ ଫୋନ ଆଦୌ ଉଠାଉ ନଥିଲେ । ତାଙ୍କ ଏକମାତ୍ର ପୁତ୍ର ପୁନେରେ ରହି ପାଠ ପଢୁଛି । ଗତ ୨୦୨୦-୨୧ରେ ମଧୁସ୍ମିତା ଭୁବନେଶ୍ୱରରେ ଭଡ଼ାରେ ରହୁଥିବା ବେଳେ ତାଙ୍କର ଆଶିଷ ମହାନ୍ତିଙ୍କ ସମ୍ପର୍କ ସୃଷ୍ଟି ହୋଇଥିଲା ଓ ପରେ ଉଭୟଙ୍କ ମଧ୍ୟରେ ଅନୈତିକ ସମ୍ପର୍କରେ ରହିଥିଲା । ପରେ ମଧସ୍ମିତା ଭଦ୍ରକରେ ଆସି ଭଡ଼ା ରହିବା ପରେ ମଧ ଆଶିଷ ଆସି ଏଠାରେ ରହି ତାଙ୍କ ସହ ସମ୍ପର୍କ ରଖିଥିଲେ ବୋଲି ପୁଲିସ ସୂଚନା ଦେଇଛି । ତେବେ ଏହି ଅନୈତିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା ମଧୁସ୍ମିତାଙ୍କ ଚରିତ୍ରକୁ ସନ୍ଦେହ କରା । ପରେ ଗତ ମାସ ୧୫ତାରିଖ ରାତି ସାଢେ ୪ଟା ବେଳେ ଆଶିଷ ଏହି ସନ୍ଦେହ କାରଣରୁ ତାଙ୍କୁ ଉକ୍ତ ଟ୍ୟୁବ୍‌ୱେଲ ରଡ୍‌ରେ ଆକ୍ରମଣ କରି ହତ୍ୟା କରି ଫେରାର୍ ହୋଇଥିଲା । ତେବେ ପୁଲିସ ତା'ର ତଦନ୍ତରେ ମୃତା ମଧୁସ୍ମିତାଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଟାଉନ ଓ ପୁରୁଣାବଜାର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗତକାଲି ଚରମ୍ପାରୁ ଅଭିଯୁକ୍ତ ଆଶିଷ ମହାନ୍ତିଙ୍କୁ ଗିରଫ କରିଥିଲା । ଗିରଫ୍ ପରେ ପୁଲିସ ଅଭିଯୁକ୍ତକୁ ହତ୍ୟାକାଣ୍ଡ ସ୍ଥଳକୁ ନେଇ ଡେମୋ ଦେଖାଇଥିଲା । ଆଜି ଅପରାହ୍ନରେ ଟାଉନ ପୁଲିସ ଷ୍ଟେସନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଉପରୋକ୍ତ ସୂଚନା ଦେଇଥିବା ବେଳେ ତାଙ୍କ ସହ ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତି ଓ ପୁରୁଣାବଜାର ଆଇଆଇସି ନିରୋଜ କୁମାର ସାମଲ ଉପସ୍ଥିତ ଥିଲେ । ତେବେ ମୃତକଙ୍କ ମୋବାଇଲକୁ ପୁଲିସ ଜବତ କରିଥିବା ବେଳେ ଉକ୍ତ ଭଡ଼ାଘର ଚାବି କାଠିକୁ ପୁଲିସ ଜବତ କରିନଥିବା ଜଣାଯାଇଛି ।

## ● ଧାନକଟାକୁ କେନ୍ଦ୍ରକରି ମାଡ଼ ଘଟଣା

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି କଲେ ବୃଦ୍ଧା

ବାଲେଶ୍ୱର, ୫।୪(ସମିସ): ବାଲେଶ୍ୱର ସୋର ଥାନା ବାଜଣା ଗ୍ରାମର ଜଣେ ୭୨ ବର୍ଷର ବୃଦ୍ଧାଙ୍କୁ ଧାନକଟାକୁ କେନ୍ଦ୍ରକରି ମାଡ ମରାଯାଇଥିଲା । ପ୍ରତିପକ୍ଷଙ୍କ ମାଡରେ ବୃଦ୍ଧାଙ୍କ ହାତ ଭାଙ୍ଗି ଯାଇଥିଲା । ବୃଦ୍ଧାଙ୍କ ପକ୍ଷରୁ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଇଥିଲେ ମଧ ଥାନା ପୁଲିସ ଅଭିଯୁକ୍ତ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଯୋଗୁ ଆଜି ସେ ବାଲେଶ୍ୱର ଏସ୍‌ପିଙ୍କଠାରେ ନ୍ୟାୟ ପାଇବା ପାଇଁ ଗୁହାରି କରିଛନ୍ତି । ସୋର ଥାନା ବାଜଣା ଗ୍ରାମର ସ୍ୱର୍ଗତ ନାରାୟଣ ସାମଲଙ୍କ ପତ୍ନୀ ସାବିତ୍ରୀ ଜଣେ ଗରିବ ଅସହାୟ ମହିଳା ଅଟନ୍ତି । ଗତ ପାଞ୍ଚ ତାରିଖଦିନ ଧାନକଟାକୁ କେନ୍ଦ୍ରକରି ସାବିତ୍ରୀଙ୍କ ଘରକୁ ସମ୍ପୃକ୍ତ ଗ୍ରାମର ଦୁଇ ଜଣ ବ୍ୟକ୍ତି ବଳ ପୂର୍ବକ ପଶି ଗାଳି ଗୁଲଜ କରିଥିଲେ । ସାବିତ୍ରୀ ପ୍ରତିବାଦ କରିବାରୁ ତାଙ୍କୁ ନିର୍ମମ ଭାବେ ମାଡ ମାରିଥିଲେ । ଅଭିଯୁକ୍ତ ମାନଙ୍କ ମାଡରେ ସାବିତ୍ରୀ ଗୁରୁତର ଆହତ ହେଇଥିଲେ । ତୁରନ୍ତ ତାଙ୍କୁ ସୋର ଡାକ୍ତରଖାନାକୁ ନିଆଯାଇଥିଲା । ଅଭିଯୁକ୍ତ ମାନଙ୍କ ମାଡରେ ସାବିତ୍ରୀଙ୍କ ହାତ ଭାଙ୍ଗି ଯାଇଥିଲା । ହାତ ପ୍ଲାଷ୍ଟର କରିବା ପରେ ସେ ଥାନାକୁ ଯାଇ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଏତଲା ଦେଇଥିଲେ । ସୋର ଥାନା ପୁଲିସ ଏତଲା ଗ୍ରହଣ କରିଥିଲେ ବି ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି । ଫଳରେ ଅଭିଯୁକ୍ତ ମାନେ ଥାନାରୁ କେଶ ଉଠାଇ ନେବା ପାଇଁ ସାବିତ୍ରୀଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଛନ୍ତି । ବୃଦ୍ଧା ଜଣକ ନ୍ୟାୟ ପାଇବା ପାଇଁ ଶୁକ୍ରବାର ଦିନ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ନିବେଦନ ପୂର୍ବକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।

# ବିଜେପି ଯୁବମୋର୍ଚ୍ଚା ତରଫରୁ ସୋରର ପ୍ରାର୍ଥୀ ପରିବର୍ତ୍ତନ ଦାବି



ସୋର, ୫।୪(ସମିସ): ଆଜି ସୋର ବିଜେପି ଯୁବମୋର୍ଚ୍ଚା ତରଫରୁ ସୋର ବିଧାନସଭା ଆସନରେ ବିଧାୟକ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବି କରାଯାଇଛି । ଏଠାରେ ଧାମନଗରର ରାଜେନ୍ଦ୍ର ଦାସଙ୍କୁ ଦଳ ତରଫରୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବା ବେଳେ ଏହାକୁ ସୋର ବିଜେପି ତରଫରୁ ବିରୋଧ କରାଯାଉଛି । ସେହିପରି ଆଜି ସୋର ବିଜେପି ଯୁବମୋର୍ଚ୍ଚା ତରଫରୁ ଏକ ପ୍ରେସ ଇସ୍ତାହାରରେ ଏହାକୁ ପରିବର୍ତ୍ତନ କରାଯାଇ ଜଣେ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କୁ ମନୋନୟନ କରିବା ପାଇଁ ରାଜ୍ୟନେତାଙ୍କୁ ନିବେଦନ କରିଛନ୍ତି । ଏହି ମର୍ମରେ ଯୁବ ମୋର୍ଚ୍ଚା ତରଫରୁ ଦାବି କରାଯାଇଛି ଯେ ଜଣେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଆଞ୍ଚଳିକ ସମସ୍ୟା ସମ୍ପର୍କରେ ଓତଃପ୍ରୋତ ଭାବେ ଜଡ଼ିତ । ସେମାନଙ୍କ ମଧ୍ୟରୁ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ନେତୃତ୍ୱ ପ୍ରଦାନ କରାଗଲେ ବହୁବିଧ ସମସ୍ୟାର ସମାଧାନ କରିବାକୁ ସକ୍ଷମ ହୋଇପାରିବେ ବୋଲି ଜିଲା ଯୁବ ମୋର୍ଚ୍ଚା ସଭାପତି ସଞ୍ଜୀବ ରାଉଳ, ସନ୍ତୋଷ ଘଡ଼ାଇ, ଦେବେନ୍ଦ୍ର ମହଲ, ଲକ୍ଷ୍ମୀନାରାୟଣ ମହାଳିକ, ରଞ୍ଜନ ମହାନ୍ତି, ଏମ୍‌ଡି ମୁସ୍ତାକ୍, ଜ୍ଞାନରଞ୍ଜନ ବେହେରା, ନଗର ସଭାପତି ମନୋଜ ବିଶ୍ୱାଳ, ତପନ ମହାଳିକ, ଜଗନ୍ନାଥ ସିଂ ପ୍ରମୁଖ ଦାବି କରିଛନ୍ତି ।

# 'ସମର୍ ଫେଷ୍ଟ'ରେ ବିଭିନ୍ନ ପ୍ରତିଯୋଗିତା




ବାଲେଶ୍ୱର, ୫।୪(ସମିସ): ସହରସ୍ଥିତ ଗାନ୍ଧି ସ୍ମୃତି ଭବନରେ 'ସମର୍ ଫେଷ୍ଟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅନୁରାଗ ବାସୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ନୃତ୍ୟ, ଫେନ୍ସି ଡ୍ରେସ୍, ମନୋଆକ୍ଟ, ଫ୍ୟାସନ୍ ସୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାଜେଶ ପ୍ରଧାନ, ଜ୍ୟୋତିର୍ମୟୀ ସାମଲ, ମନୋଗୋବିନ୍ଦ ନାୟକ ନୃତ୍ୟ ବିଚାରକ ଭାବେ ଥିବାବେଳେ ଫ୍ୟାନ୍ସି ଡ୍ରେସ୍‌ରେ ମୋନାଲିସା ସାହୁ, ଚିତ୍ରାଙ୍କନରେ କବିତା ଦତ୍ତ ଏବଂ ଫ୍ୟାସନ୍ ସୋ ରେ ମନୋଜ ଗୋବିନ୍ଦ ନାୟକ, ଲୋକେଶ କୁମାର ଦାସ, ସଞ୍ଜନା ପ୍ରଧାନ ଓ ସାମ୍ ମହାନ୍ତି ବିଚାରକ ଥିଲେ । ସଭାପତି ଅନୁରାଗ ବାଶୁଙ୍କ ସମେତ ଉପସଭାପତି ସିମନ ଦାସମହାପାତ୍ର, ସମ୍ପାଦକ ପ୍ରଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ସାମ ମହାନ୍ତି ଓ ବିକ୍ରମ ପଣ୍ଡା ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ କୁନି କୁନି ପିଲାମାନେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ ।

## ଜିଲ୍ଲା ପ୍ରଶାସନ ଓ ବିର୍ଲା ଟାୟାର୍ସ କର୍ତ୍ତୃପକ୍ଷଙ୍କ ସହ ଶ୍ରମିକ ସଂଗଠନର ବୈଠକ

# ପୁରୁଣା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଓ ବକେୟା ପ୍ରଦାନ ଦାବି

ବାଲେଶ୍ୱର, ୫।୪(ସମିସ):



ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଶ୍ରମ ବିଭାଗ ଓ ବିର୍ଲା ଟାୟାର୍ସ କର୍ତ୍ତୃପକ୍ଷଙ୍କ ସହ ୧୦ଟି ମିଳିତ ଶ୍ରମିକ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଦିନ ଜିଲ୍ଲା ଶ୍ରମ ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ନେତା ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଶ୍ରମିକ ସଂଗଠନର ବହୁ ଦିନର ଦାବି ତଥା ବିର୍ଲା ଟାୟାର୍ସର ପୁରୁଣା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଏବଂ ସେମାନଙ୍କ ବକେୟା ଟଙ୍କା ପ୍ରଦାନ ପରି ବିଭିନ୍ନ ଦାବି ବାବଦରେ ବୈଠକରେ ଆଲୋଚନା କରାଯାଇଥିଲା । ତେବେ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ କୌଣସି ନିଷ୍ପତିରେ ପହଞ୍ଚି ପାରିନଥିଲେ କର୍ତ୍ତୃପକ୍ଷ । ଏ ନେଇ ସମୟ ନେବା ସହ ମେ ମାସ ୨୦ ତାରିଖରେ ଏକ ବୈଠକ ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ କମ୍ପାନୀ କର୍ତ୍ତୃପକ୍ଷ ନିଷ୍ପତ୍ତି ଜଣାଇବେ ବୋଲି ଆଜିର ବୈଠକରେ ସୂଚନା ଦେଇଥିଲେ । ଏହି ବୈଠକରେ ୧୦ଟି ଶ୍ରମିକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଥିସହିତ ଜିଲ୍ଲା ଶ୍ରମ ବିଭାଗର ଡିଏଲସି, ଡିଏଲଓ ଓ ଏଏଲଓଙ୍କ ସମେତ ହିମାଦ୍ରୀ ଗ୍ରୁପ୍‌ର ଏଚ୍ ଆର୍ ମୁଖ୍ୟ ଡେଭିଡ୍ ଚାଖମା, ପ୍ରଶାନ୍ତ ସୋରଜ ପ୍ରମୁଖ କମ୍ପାନି ପରିଚାଳନା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

ପ୍ରକାଶ ଥାଉ କି, ବାଲେଶ୍ୱର ସହର ଉପକଣ୍ଠରେ ଥିବା ବିର୍ଲା ଟାୟାର୍ସ ୨୦୧୯ ମସିହାଠାରୁ ବନ୍ଦ ପଡ଼ିଥିବା ବେଳେ ପ୍ରାୟ କିଛି ମାସ ହେବ ଆରମ୍ଭ ହୋଇଛି । ହିମାଦ୍ରୀ କେମିକାଲସ୍ ଗ୍ରୁପ୍ ସହଯୋଗରେ ଡାଲମିଆ ଭାରତ ଏହାକୁ ହସ୍ତାନ୍ତର କରିଛନ୍ତି । ୧୦ଟି ଶ୍ରମିକ ସଂଗଠନ ସହ ଜଡ଼ିତ ଥିବା ପ୍ରାୟ ୨ ହଜାର ପୁରୁଣା ଶ୍ରମିକ ଯେଉଁମାନେ ପୁନଃ ନିଯୁକ୍ତି ପାଇଁ ଆଶାବ୍ୟକ୍ତ କରିଛନ୍ତି ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ସୋର, ୫।୪(ସମିସ): ସୋର ବ୍ଲକ ପାଖର ପଞ୍ଚାୟତ ଚକପଦା ଗ୍ରାମର ଜଣେ ଯୁବକ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଏହି ଗ୍ରାମର ଉମାଶଙ୍କର ବାରିକ (୩୦) ଆଜି ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଘରେ ବିଦ୍ୟୁତ କାମ କରୁଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

# କବାଟବନ୍ଧ ପଡ଼ି ଶିଶୁ ଗୁରୁତର

ଖଇରା, ୫।୪ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ସୁନ୍ଦୁପର ଗ୍ରାମରେ କବାଟ ବନ୍ଧ ପଡ଼ି ଗୌତମ ପାତ୍ରଙ୍କ ୩ବର୍ଷର ଝିଅ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ଆର୍ଥିକ ଦୁରାବସ୍ଥା ତାଙ୍କ ଚିକିତ୍ସାରେ ବାଧକ ସୃଷ୍ଟି କରିଛି । ଏଭଳି ଘଡସନ୍ଧି ମୁହୁର୍ତ୍ତରେ ଦେବଦୂତ ଭଳି ସହାୟତାର ହାତ ବଢ଼ାଇଛି ଆୟୁଷ୍ମାନ ଫାଉଣ୍ଡେସନ । ସଂଗଠନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ସଭ୍ୟ ମାନେ ୧୫ହଜାର ଟଙ୍କା ଆଦାୟ କରି ଅସ୍ତ୍ରୋପଚାର ପାଇଁ ପରିବାର ଲୋକଙ୍କୁ ପ୍ରଦାନ କରିଛନ୍ତି ।






## ମା' ଶୀତଳାଙ୍କ ସାମ୍ବତ୍ସରିକ ପୂଜା ଉଦ୍‌ଯାପିତ



ବାଲେଶ୍ୱର, ୫।୪(ସମିସ): ରେମୁଣା ଅଞ୍ଚଳର ସର୍ବପୁରାତନ ପୂଜା ଉତ୍ସବ ମା'ଶୀତଳା ଦେବୀଙ୍କ ସପ୍ତଦିନାତ୍ମକ ସାମ୍ବତ୍ସରିକ ପୂଜା ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଛି। ତେନ୍ତୁଳିଦା ପଞ୍ଚାୟତ ସୋନ ନଦୀକୂଳରେ ଅବସ୍ଥିତ ଐତିହାସିକ ଗ୍ରାମ ବୋଇତବାଙ୍କରେ ମାର୍ଚ୍ଚ ୩୦ ତାରିଖରୁ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ଉତ୍ସବ ୮୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଜାରି ରହିଛି। ଗ୍ରାମର ମଧ୍ୟ ଭାଗରେ ଥିବା ମଣ୍ଡପରେ ମା'ଙ୍କୁ ସ୍ଥାପନ କରାଯାଇ ସୋତ୍ରୀୟ ବ୍ରାହ୍ମଣ ମାନଙ୍କ ଦ୍ୱାରା ମା'ଙ୍କ ନିକଟରେ ପୂଜା, ଚଣ୍ଡୀ ପାଠ ଓ ହୋମ ଯଜ୍ଞ ଓ ଆରତୀ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ପହଞ୍ଚି ମା'ଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ମା'ଙ୍କ ପ୍ରସିଦ୍ଧ ଆରତୀ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ୭ ଦିନ ଧରି ନୃତ୍ୟ, ସଙ୍ଗୀତ ଓ ଅପେରା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷିତ ହୋଇଥିବା ବେଳେ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ଖିରି ଭୋଗ କରିବାକୁ ଧାଇଁ ଆସିଥିଲେ। ଗୁରୁବାର ମା' ଶୀତଳା ଗ୍ରାମ୍ୟ କମିଟି ତରଫରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ୭ ଦିନ ଧରି ଗ୍ରାମବାସୀ ନିଷ୍ଠା ଓ ସମର୍ପଣ ଭାବ ନେଇ ପୂଜା କାର୍ଯ୍ୟରେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

### ଜିଲ୍ଲା ଡାକ୍ତରଖାନାରୁ ପିଲା ଚୋରି ଘଟଣା

# ରେମୁଣା ଖୁସାଲିଗଞ୍ଜୀରୁ ଶିଶୁପୁତ୍ର ଉଦ୍ଧାର, ମହିଳା ଅଟକ

ବାଲେଶ୍ୱର, ୫।୪(ସମିସ):



ନିଜ ଶିଶୁକନ୍ୟାକୁ ରଖି ଶିଶୁପୁତ୍ରକୁ ଚୋରାଇ ନେଇଥିଲେ

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ୱାର୍ଡରୁ ଗତ ଗୁରୁବାର ପୂର୍ବାହ୍ନରେ ଏକ ଆଠ ଦିନର ଶିଶୁ ପୁତ୍ର ଚୋରି ଘଟଣାରେ ପୁଲିସ ୨୪ଘଣ୍ଟା ଭିତରେ ରେମୁଣା ଥାନା ଖୁସାଲିଗଞ୍ଜ ଗ୍ରାମରୁ ଶିଶୁପୁତ୍ରକୁ ଉଦ୍ଧାର କରିଛି। ଡାକ୍ତରଖାନାରୁ ଶିଶୁ ପୁତ୍ରକୁ ଚୋରାଇ ନେଇଯାଇ ଥିବା ମହିଳାଙ୍କୁ ପୁଲିସ ଥାନାରେ ଅଟକ ରଖିଛି। ଆଇନ ଅନୁସାରେ ମହିଳାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲେଶ୍ୱର ପୁଲିସ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଗଣମାଧ୍ୟମକୁ କହିଛନ୍ତି।

ବାଲିଆପାଳ ଥାନା ଆଠବାଟିଆ ଗ୍ରାମର ସୁକାନ୍ତ ବାରିକଙ୍କ ପତ୍ନୀ ଟିକିଲି ରାଣୀ ବାରିକ, ଗତ ୨୮ ତାରିଖରେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତେବେ ଶିଶୁ ପୁତ୍ରର ଅସୁସ୍ଥତା କାରଣରୁ ଗତ୨ ତାରିଖରେ ସୁକାନ୍ତ ଓ ଟିକିଲି ପିଲାକୁ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇ ଥିଲେ। ଅସୁସ୍ଥ ଶିଶୁ ପୁତ୍ରକୁ ଡାକ୍ତର ଏସଏନସିୟୁ ରେ ରଖିଥିଲା ବେଳେ ପିଲାଟିର ସ୍ୱାସ୍ଥ୍ୟଗତ ଅବସ୍ଥାର ପରିବର୍ତ୍ତନ ହୋଇଥିଲା। ତେବେ ସେହି ଶିଶୁ ୱାର୍ଡରେ ରେମୁଣା ଥାନା ଦୁର୍ଗାଦେବୀ ଗ୍ରାମର ଅଜିତ ସାହୁ ଓ ସୁମତି ସାହୁଙ୍କର ଶିଶୁକନ୍ୟା ମଧ୍ୟ ଶିଶୁ ୱାର୍ଡରେ ଚିକିତ୍ସାଧୀନ ଥିଲେ। ତେବେ ଗତ ଗୁରୁବାର ଦିନ ଶିଶୁ ପୁତ୍ରକୁ ଏକା ଛାଡି କିଛି ସମୟ ଟିକିଲି ରାଣୀ ଶିଶୁ ୱାର୍ଡର ବାହାରକୁ ଆସିଥିଲେ। ପରେ ଶିଶୁ ପୁତ୍ରକୁ କ୍ଷୀର ପିଆଇବା ପାଇଁ ଟିକିଲି ରାଣୀ ବେଡ୍ ପାଖକୁ ଯାଇ ଦେଖିଥିଲେ, ତାଙ୍କ ପୁଅକୁ କିଏ ନେଇ ଯାଇଛି। ଆଉ ଶିଶୁ ପୁତ୍ର ସ୍ଥାନରେ ଏକ ଶିଶୁ କନ୍ୟାକୁ ଶୁଆଇ ଦେଇଯାଇଛି। ଏହାଦେଖି ଟିକିଲି ରାଣୀ ଓ ସୁକାନ୍ତ ପିଲାକୁ ଖୋଜି ନ ପାଇ ପୁଲିସରେ ଅଭିଯୋଗ କରିଥିଲେ।

ପିଲା ଚୋରି ହେଇଯିବା ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସୁରକ୍ଷା ଉପରେ ଜନ ସାଧାରଣ ପ୍ରଶ୍ନ ଉଠାଇଥିଲେ। ଅପରପକ୍ଷରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ ଥାନା ପୁଲିସ ପକ୍ଷରୁ ଏହି ଘଟଣାରେ ଅଧିକ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଥିଲେ। ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ଲକି ମେଡ଼ିସିନ ଷ୍ଟୋରର ସିସିଟିଭି କ୍ୟାମେରାର ଫୁଟେଜରେ ଦୁର୍ଗାଦେବୀ ଗ୍ରାମର ସୁମତି ସାହୁ ଏକ ଶିଶୁ ପୁତ୍ରକୁ ଧରି ବ୍ୟସ୍ତ ବିବ୍ରତ ହେଇ ଫୋନରେ କାହା ସହିତ କଥା ହେଉଥିବାର ପୁଲିସ ଅଧିକାରୀ ପର୍ଶୁରାମ ସାହୁ ଦେଖିବା ପରେ ପୁଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇ ଥିଲା। ପରେ ପୁଲିସ ସୁମତି ସାହୁର ପରିଚୟ ପାଇ ରାତିରେ ଦୁର୍ଗାଦେବୀ ଗ୍ରାମସ୍ଥିତ ତାଙ୍କ ଘରକୁ ଯାଇଥିଲେ। ହେଲେ ସୁମତି ଶିଶୁ ପୁତ୍ରକୁ ଚୋରାଇ ନେଇଯିବା ପରେ ସେ ନିଜ ଘରକୁ ନ ଯାଇ ନିକଟସ୍ଥ ତାଙ୍କ ବାପଘର ଖୁସାଲିଗଞ୍ଜକୁ ପଳାଇ ଯାଇଥିଲେ। ପୁଲିସ ସୁମତିଙ୍କ ସ୍ୱାମୀ ଅଜିତକୁ ପଚାରିବାରୁ ଭୟରେ ସେ ସତକଥା କହିଥିଲେ। ତାଙ୍କ ସ୍ତ୍ରୀ ସୁମତି ମୁଖ୍ୟ ଡାକ୍ତରଖାନାରୁ ଏକ ଶିଶୁପୁତ୍ରକୁ ଚୋରାଇ ଆଣିଥିବା ବେଳେ ନିଜର ଶିଶୁ କନ୍ୟାକୁ ସେଠାରେ ଛାଡିଦେଇ ଆସିଛି ବୋଲି ସୁମତିର ସ୍ୱାମୀ ଅଜିତ କହିଥିଲେ। ପରେ ପୁଲିସ ଖୁସାଲିଗଞ୍ଜ ଗ୍ରାମର ସୁମତିର ବାପ ଘରକୁ ଯାଇ ଶିଶୁ ପୁତ୍ର ସହିତ ସୁମତିକୁ ନେଇ ଆସିଥିଲେ। ଶୁକ୍ରବାର ଦିନ ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ସୁକାନ୍ତ ଓ ଟିକିଲି ରାଣୀକୁ ତାଙ୍କର ଶିଶୁପୁତ୍ରକୁ ପୁଲିସ ପକ୍ଷରୁ ହସ୍ତାନ୍ତର କରାଯାଇଥିଲା। ପିଲା ଚୋରି ଅଭିଯୋଗରେ ସୁମତି ସାହୁଙ୍କୁ ପୁଲିସ ଥାନାରେ ଅଟକ ରଖିଛି। ଆଇନ ଅନୁସାରେ ସୁମତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଗଣମାଧ୍ୟମକୁ ଜଣାଇଛନ୍ତି।

# ଟିପିଏନ୍‌ଓଡିଏଲର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ




ବାଲେଶ୍ୱର, ୫।୪(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ବାଲେଶ୍ୱରସ୍ଥିତ ନୋସି କେନ୍ଦ୍ରଠାରେ ତୃତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୧୯୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନକୁ ସ୍ମରଣ କରି ପ୍ରତିବର୍ଷ ଏପ୍ରିଲ ପହିଲାରେ ଉତ୍କଳ ଦିବସ ପାଳନ କରାଯାଉଛି। ଉତ୍କଳ ଦିବସ ଓ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ ଦୀପ ପ୍ରଜ୍ୱଳନ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉତ୍ସାହୀ କର୍ମଚାରୀମାନେ ଭାଷଣ, ନୃତ୍ୟ, ଗୀତ ଆକାରରେ ପ୍ରଦର୍ଶନ କରିଥିଲେ। ୨୦୨୧ ମସିହାରେ ଏହାର ପ୍ରତିଷ୍ଠା ପରଠାରୁ ଟିପିଏନ୍‌ଓଡିଏଲ୍ ଉଦ୍ଭାବନ ଓ ପ୍ରଗତୀରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଯାହା ଉତ୍ତର ଓଡ଼ିଶାର ୨୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ଜୀବନକୁ ଉଜ୍ଜ୍ୱଳ କରିଥିବା ବେଳେ ବିଭିନ୍ନ ଅଭିନବ ସମାଧାନ ସହିତ ଶକ୍ତି କ୍ଷେତ୍ରରେ ଉଚ୍ଚ ମାନଦଣ୍ଡ ସ୍ଥାପନ କରିଛି ଏବଂ କଠିନ ପରିସ୍ଥିତିରେ ମଧ୍ୟ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିଛି। ଟିପିଏନଓଡିଏଲର ଇଞ୍ଜିନିୟରିଂ ସଫଳତା ଏହାର ଅନେକ ରିଭର- କ୍ରସିଂ ପ୍ରକଳ୍ପ ସହିତ ବୃଦ୍ଧି ପାଇଛି। ଟିପିଏନଓଡିଏଲ ଦ୍ୱାରା ନିଆଯାଇଥିବା ବିଭିନ୍ନ ସବୁଜ ପଦକ୍ଷେପ ୩୦, ୦୦୦ରୁ ଅଧିକ ପରିବାରକୁ ବିଦ୍ୟୁତ୍ ଶକ୍ତି ପ୍ରଦାନ କରିପାରିଛି ଏବଂ ଅଧିକ ବିଦ୍ୟୁତକରଣ ପାଇଁ ଏହାର ପ୍ରୟାସ ଜାରି ରହିଛି। ଖୁବ୍ ଶୀଘ୍ର ଏଟିଆଣ୍ଡସି କ୍ଷତିକୁ ଏକ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭିତ୍ତିଭୂମି ବିକାଶ ବିଶେଷକରି ସବ୍ ଷ୍ଟେସନ ଏବଂ ସେକ୍ସନ ଅଫିସ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଓ ଉନ୍ନତି ସେମାନଙ୍କ ସମର୍ପଣକୁ ଦର୍ଶାଉଛି। ଗତ ତିନି ଆର୍ଥିକ ବର୍ଷରେ ଟିପିଏନଓଡିଏଲ୍ ଉଲ୍ଲେଖନୀୟ ବାଣିଜ୍ୟିକ ସଫଳତା ହାସଲ କରିବା ସହ ବିତରଣ କମ୍ପାନୀଗୁଡିକ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି। ଏହାବ୍ୟତୀତ ଟିପିଏନଓଡିଏଲ୍ କର୍ମଚାରୀ ବିକାଶ ଏବଂ ନିୟୋଜନ, ପ୍ରଶିକ୍ଷଣ, କ୍ୟାରିୟର ଉନ୍ନତି ସୁଯୋଗ ଏବଂ ଏକ ଅଭିନବ ପୋଷଣ ପରିବେଶକୁ ପ୍ରାଥମିକତା ଦେଉଛି। ଟିପିଏନଓଡିଏଲ ଏହାର ପ୍ରାଥମିକ କାର୍ଯ୍ୟଠାରୁ ଆଗକୁ ବଢ଼ି ସିଏସଆର ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ କଲ୍ୟାଣକୁ ପ୍ରାଥମିକତା ଦେଉଛି। ଏଥିରେ ୨୫୦୦ ଛାତ୍ରଛାତ୍ରୀଙ୍କ ପାଇଁ ୪ଟି ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା, ୩୦ଟି ମହିଳା ସାକ୍ଷରତା କେନ୍ଦ୍ର ପ୍ରତିଷ୍ଠା ଏବଂ ୫ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା କେନ୍ଦ୍ର କାର୍ଯ୍ୟକାରୀ କରିବା ଅନ୍ତର୍ଭୁକ୍ତ ରହିଛି। କମ୍ପାନି ପ୍ରାୟ ୩୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସଏଚଜି)କୁ ସମର୍ଥନ କରୁଛି। ଏହାବ୍ୟତୀତ ଟିପିଏନଓଡିଏଲ ବିଭିନ୍ନ ବିଭାଗରେ ୪୦ଟି ଇଲେକ୍ଟ୍ରିକ୍ ଯାନ ପ୍ରଚଳନ କରିବାକୁ ଯୋଜନା କରିଛି ଏବଂ ଶିମିଳିପାଳ ଏବଂ ଯୋଡାରେ ୧୮ ଟି ମାଇକ୍ରୋଗ୍ରିଡ୍ ସ୍ଥାପନ କରିଛି ଯେଉଁଥିରୁ ବର୍ତ୍ତମାନ ୧୬ଟି କାର୍ଯ୍ୟକ୍ଷମ ରହିଛି। ଏହାବ୍ୟତୀତ ଟିପିଏନ୍‌ଓଡିଏଲ୍ ଉତ୍ତର ଓଡ଼ିଶାରେ ୧୯୦ରୁ ଅଧିକ ରୁଫ୍ ଟପ୍ ସୋଲାର ପ୍ଲାଣ୍ଟ୍ ଏବଂ ୩୦୦୦ରୁ ଅଧିକ ସତନ୍ତ୍ର ସୌର ୟୁନିଟ୍ ସ୍ଥାପନ କରିଛି। ୨୦୨୪ ପ୍ରାରମ୍ଭ ସୁଦ୍ଧା ଟିପିଏନ୍‌ଓଡିଏଲ୍ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଦୁର୍ଗମ ଗ୍ରାମର ୨୩୦୦ରୁ ଅଧିକ ପରିବାରକୁ ଆଲୋକିତ କରିଛି। ବାଲେଶ୍ୱରସ୍ଥିତ ଉନ୍ନତ ପାୱାର ସିଷ୍ଟମ କଂଟ୍ରୋଲ ସେଣ୍ଟର (ପିଏସସିସି) ରିୟଲ ଟାଇମ୍ ମନିଟରିଂ ଓ ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ଷମ କେନ୍ଦ୍ର ଭାବେ କାର୍ଯ୍ୟ କରୁଛି। କମ୍ପାନୀର ୩୦% ଗ୍ରାହକ ଏବେ ଡିଜିଟାଲ ମାଧ୍ୟମରେ ବିଲ୍ ପୈଠ କରୁଛନ୍ତି ଯାହା ଭୌତିକ କାରବାରକୁ ହ୍ରାସ କରୁଛି। କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ ଗୁଡ଼ିକ ଉତ୍ତର ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ଏବଂ ଟିପିଏନଓଡିଏଲ୍ ସେମାନଙ୍କର ଅନନ୍ୟ ଆବଶ୍ୟକ୍ତା ପୂରଣ ପାଇଁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ଏବଂ ଉପଯୁକ୍ତ ସମାଧାନ ପ୍ରଦାନ କରି ସେମାନଙ୍କ ଅଭିବୃଦ୍ଧି ଏବଂ ସ୍ଥାୟିତ୍ୱକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ



ବାଲେଶ୍ୱର, ୫।୪(ସମିସ): ଭାରତୀୟ ଜନତା ପାର୍ଟି ତରଫରୁ ବାଲେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ଭାବେ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବାଲେଶ୍ୱର ସଦର ବିଧାନସଭା ବିଧାୟକ ପ୍ରାର୍ଥୀ ଭାବେ ମାନସ କୁମାର ଦତ୍ତଙ୍କ ନାମ ଘୋଷଣା ପରେ ଆଜି ବାଲେଶ୍ୱର ସଦର ବିଧାନସଭାର ପ୍ରଥମ ନିର୍ବାଚନୀ ବୈଠକ 'କାର୍ଯ୍ୟକର୍ତ୍ତା ସମ୍ମିଳନୀ' ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପରେ କାର୍ଯ୍ୟକର୍ତ୍ତା ଗଣ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ଏହି ସମ୍ମିଳନୀରେ ସହଦେବଖୁଣ୍ଟା ଅଞ୍ଚଳର ବହୁ ନେତା ଏବଂ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ ଓ ଲୋକନାଥ ଭୂୟାଁ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତ୍ରୀ ସୁଷମା ବିଶ୍ୱାଳ ଓ ରଶ୍ମିରେଖା ଦେବ, ସୁଜିତ ଦେବ, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ମଣ୍ଡଳ ସଭାପତି କାର୍ତ୍ତିକ ରାଉତ, ତପନ ଗିରି, ବିଜୟ ଦାସ ଓ ଅନୀଲ ପାତ୍ର, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଳ ସିଂ, ରୋଜାଲିନ ପାଣି, ପ୍ରତିମା ବେହେରା, ନିରୁପମା ଦାଶ, ଗୌରୀ ଦାଶ ଓ ଭାରତୀ ପାତ୍ର, ସରପଞ୍ଚ ରବିନାରାୟଣ ପ୍ରଧାନ, ବନିତା ଭୂୟାଁ, ଆରତୀ ଦାସ, ରାମନାରାୟଣ ଦ୍ୱିବେଦୀ, ସମିତି ସଭ୍ୟ ରଞ୍ଜନ ପାଣି, ମାମନୀ ଜେନା, ରବୀନ୍ଦ୍ର ଜେନା, ମାୟାଧର ମହାଲିକ, ସର୍ବେଶ୍ୱର ମହାନ୍ତି, ଆଶିଷ ଘୋଷ, ରାଜେନ୍ଦ୍ର ଚାଟାର୍ଜୀ, ହରେନ୍ଦ୍ର ପ୍ରଧାନ, ସୁଭେଶ ନାୟକ, ଅମ୍ବିକା ବେହେରା, ରଶ୍ମିତା ମଣ୍ଡଳ, ସଂଯୁକ୍ତା ମହାପାତ୍ର, ଅନ୍ତର୍ଯ୍ୟାମୀ ବେହେରା, ବୃନ୍ଦାବନ ରାଉତଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂଘର୍ଷ ଭିତରେ ସଫଳତା ସାଉଁଣ୍ଟିଛନ୍ତି ରତ୍ନୁ

## ମହିଳା ବ୍ୟବସାୟୀ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣା

## ଗୋଟିଏ ଜାଗାରେ ମିଳୁଛି ବିଭିନ୍ନ ରାଜ୍ୟର ବୁଣାକାରଙ୍କ ହସ୍ତଶିଳ୍ପ







ବାଲେଶ୍ୱର, ୫।୪(ସମିସ):

ବିଭିନ୍ନ ରାଜ୍ୟର ବୁଣାକାରଙ୍କ ହାତ ତିଆରି କପଡ଼ା କାମ ଓ ବିଭିନ୍ନ ଘର ସଜ୍ଜା ସାମଗ୍ରୀ ବାଲେଶ୍ୱରର ଗୋଟିଏ ଜାଗାରେ ମିଳୁଛି। ଗୁଜରାଟର ଅଜରଖ କପଡ଼ା ହେଉ ଅବା ରାଜସ୍ଥାନର ହେଣ୍ଡବ୍ଲକ କାମ, ହାଇଦ୍ରାବାଦର ଇକ୍କଟ କପଡ଼ା ହେଉ ଅବା ଲକ୍ଷ୍ନୌର ଚିକନକରୀ ଏବଂ ତେଲେଙ୍ଗାନାର କଲମକରୀ କପଡ଼ା। ସେହିପରି ଓଡ଼ିଶାର ସମ୍ବଲପୁରୀ ମଧ୍ୟ ବାଦ୍ ପଡ଼ିନାହିଁ। ଭାରତର ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ସାମଗ୍ରୀ ସହ ଓଡ଼ିଶା ଏବଂ ବାଲେଶ୍ୱରର କଳା, ସଂସ୍କୃତି ଓ ବୁଣାକାରଙ୍କୁ ଗୁରୁତ୍ୱ ଦେଇ ଏକ ଭିନ୍ନ ଧରଣର ବ୍ୟବସାୟ ଆରମ୍ଭ କରିଛନ୍ତି ବାଲେଶ୍ୱରର ରତ୍ନୁ ଝଲାନୀ।

୨୦୧୭ ମସିହାରୁ ପ୍ରଥମେ ଛୋଟ କରି ଆରମ୍ଭ କରିଥିବା ଏହି ବ୍ୟବସାୟ ବଡ଼ ହୋଇଛି। ନିଜ ଜୀବନର ସଂଗ୍ରାମରେ ଥକି ନ ଯାଇ 'ଇଣ୍ଡିଆନ୍ ୱେବଭସ୍' ନାମରେ ନିଜର ଏକ ଷ୍ଟୋର୍ ମଠସାହି ଛକ ନିକଟରେ ଖୋଲିଛନ୍ତି ରତ୍ନୁ। ଯେଉଁଠି ଆଉ ଜଣେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଚାକିରିରେ ରଖିବା ସହ ବାଲେଶ୍ୱରର ଆହୁରି ମହିଳାମାନଙ୍କ ହିତ ତିଆରି ସାମଗ୍ରୀ ନିଜ ଷ୍ଟୋରରେ ରଖି ବିକ୍ରି କରୁଛନ୍ତି। ବିଶେଷକରି ଭାରତର ହାତ ତିଆରି ବା ହସ୍ତଶିଳ୍ପ ସାମଗ୍ରୀକୁ ଗୁରୁତ୍ୱ ଦେଇ ଏପରି ଏକ ବ୍ୟବସାୟ ଆରମ୍ଭ କରିଥିବା କଥା ରତ୍ନୁ କହିଛନ୍ତି। ତେବେ ଏପରି ଏକ ଭିନ୍ନ ଧରଣର ବ୍ୟବସାୟ ଆରମ୍ଭ କରିବା ରତ୍ନୁଙ୍କ ପାଇଁ ସହଜ ନ ଥିଲେ ବି ଜୀବନର ସଂଘର୍ଷ ଭିତରେ ସେ ସଫଳତା ଖୋଜୁଛନ୍ତି। ଯାହା ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣା ଯୋଗାଇବ।

ବାଲେଶ୍ୱର ସହର କଲେଜ ରୋଡ୍ ସ୍ଥିତ ରହୁଥିବା ଅନୀଲ କୁମାର ଓ ମାଧୁରୀଙ୍କ ଝିଅ ରତ୍ନୁ ଝଲାନୀ। ରତ୍ନୁଙ୍କ ବାପା ଜଣେ ବ୍ୟବସାୟୀ। ତେବେ ରତ୍ନୁଙ୍କ ବ୍ୟବସାୟ ହେବାର ଆଶାଟି ସେଇଠୁ ଉଙ୍କି ମାରିଥିଲା। ରତ୍ନୁ ଜଣେ ଉଚ୍ଚ ଶିକ୍ଷିତା ଏବଂ ଚାକିରି ମଧ୍ୟ କରୁଥିଲେ। ତେବେ ବାହାଘର ପାଇଁ ପରେ ଚାକିରି ଛାଡ଼ିଦେଇ ଥିଲେ। ତେବେ ରତ୍ନୁଙ୍କ ଜୀବନ ଯେତିକି ସରଳ ତା'ଠୁ ଅଧିକ ଜଟିଳ ତାଙ୍କ ଜୀବନର ସଙ୍ଘର୍ଷ। ଭାବିଥିଲେ, ବାହାଘର ପରେ ବୈବାହିକ ଜୀବନ ସୁଖରେ ଚାଲିବ୍। ୨୦୧୭ ମସିହାରେ ପ୍ରସ୍ତାବିତ ବାହାଘରରେ ବିହାରର ଜଣେ ଯୁବକକୁ ବାହା ହୋଇଥିଲେ ରତ୍ନୁ। ହେଲେ ଯୌତୁକ ନିର୍ଯ୍ୟାତନା ତାଙ୍କ ପାଇଁ ମଧ୍ୟ ସାଜିଥିଲା କାଳ। ଏମିତିକି ବାହାଘରର ମାତ୍ର ଅଳ୍ପ କେଇ ମାସ ମଧ୍ୟରେ ଆରମ୍ଭ ହୋଇଯାଇଥିଲା ନିର୍ଯ୍ୟାତନା। ପରେ ରତ୍ନୁ ବିହାର ଛାଡି ବାଲେଶ୍ୱର ପଳାଇ ଆସିଥିଲେ। ମାତ୍ର ଘଟଣା ଏତେ ମାତ୍ରାରେ ବଢ଼ିଗଲା ଯେ ରତ୍ନୁ ଆତ୍ମହତ୍ୟା ପାଇଁ ମଧ୍ୟ ଉଦ୍ୟମ କରିଥିଲେ। ପରବର୍ତ୍ତୀ ସମୟରେ ଛାଡ଼ପତ୍ର ହୋଇଥିଲା। ତେବେ ବାହାଘର ସମୟରେ ରତ୍ନୁ ପ୍ରଥମେ ହାଇଦ୍ରାବାଦର ପଞ୍ଚୁ ସିଲକ୍ ଶାଢୀରୁ ବ୍ୟବସାୟ ଆରମ୍ଭ କରିଥିଲେ। ମାତ୍ର ସେ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇପାରୁନଥିଲେ। ମାତ୍ର ବାଲେଶ୍ୱର ଫେରି ଆସିବା ପରେ ନିଜ ପରିବାର, ସାଙ୍ଗସାଥୀଙ୍କ ସମର୍ଥନରେ ଆରମ୍ଭ କରିଥିଲେ ନିଜର ବ୍ୟବସାୟ। ସେ ନିଜେ ବିଭିନ୍ନ ରାଜ୍ୟକୁ ଯାଇ କପଡ଼ା ଆଣୁଥିବା ବେଳେ ଆଗକୁ ଆହୁରି ମହିଳାମାନଙ୍କୁ ଏହା ମାଧ୍ୟମରେ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖିଛନ୍ତି। ବାଲେଶ୍ୱରର 'ଦେଶୀ କଳାକାର'ର ହାତ ତିଆରି ଜିନିଷ ଯଥା କାଠର ବ୍ରସ୍, ସାବୁନ, ଫୁଲ ଦାନୀ, ଘର ସଜ୍ଜା ସାମଗ୍ରୀ, ଚାବି ରିଙ୍ଗ୍ ଆଦି ରଖିଛନ୍ତି। ଏଥିସହିତ ନିଜ ଷ୍ଟୋରରେ କଳା କ୍ଷେତ୍ରର ଛାତ୍ରୀ ନମିତା ମହାଳିକଙ୍କ ଦ୍ୱାରା ଏକ ଟ୍ରାଏବାଲ୍ ଆର୍ଟ ମଧ୍ୟ କରାଇଛନ୍ତି। ଏହାବ୍ୟତୀତ ଅଜରଖ କପଡ଼ା, ହାତ ତିଆରି ହେଣ୍ଡ ବ୍ୟାଗ୍, ରାଜସ୍ଥାନର ହେଣ୍ଡବ୍ଲକ କାମ ସହିତ ହାତ ତିଆରି କୁସନ୍, ପର୍ଦ୍ଦା, ବେଡସିଟ୍ ଆଦି ରଖିଛନ୍ତି। ଅନଲାଇନ ମାଧ୍ୟମରେ ଅର୍ଡର କରିବା ସହ ଅଫଲାଇନ୍‌ରେ ଷ୍ଟୋରରୁ ଆସି ଜିନିଷ କିଣିପାରିବେ ବୋଲି ରତ୍ନୁ କହିଛନ୍ତି।

## ଚନ୍ଦନେଶ୍ୱର ଚଡ଼କ ପର୍ବର ୮ମ ଅର୍ଘ୍ୟ

# କାଳୁଆ ଚଣ୍ଡୀ ମନ୍ଦିରରେ ବେକଡ଼ା ନୃତ୍ୟ ପରିବେଷଣ



ଚନ୍ଦନେଶ୍ୱର, ୫।୪ (ସମିସ) :

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ହୁଗୁଳି ପଞ୍ଚାୟତରେ ଜଳଯନ୍ତ୍ର ଭାବେ ପୂଜିତ ପୂର୍ବ ଭାରତ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ମହାଦେବଙ୍କ ପବିତ୍ର ଚଡ଼କ ମେଳା ଗତ ସୋମବାର ଶୁଭାରମ୍ଭ ହୋଇଛି। ଆସନ୍ତା ୧୧ ତାରିଖ ଗୁରୁବାର ବାର ମହାନୀଳ ପର୍ବ ଅନୁଷ୍ଠିତ ହେବାକୁ ଥିଲା ବେଳେ ୧୨ ତାରିଖ ଶୁକ୍ରବାର ବାର ପାଟପର୍ବ ଅନୁଷ୍ଠିତ ହେବ। ଆଜି ଶୁକ୍ରବାର ୮ମ ଅର୍ଘ୍ୟରେ କୃଷ୍ଣନଗର ସ୍ଥିତ ମାଁ କାଳୁଆ ଚଣ୍ଡୀ ମନ୍ଦିରରେ ଉପବୀତଧାରୀ ଭକ୍ତ ମାନେ 'ବେକଡା ନୃତ୍ୟ' ପରିବେଷଣ କରିଥିଲେ। ମୌରସି ତପନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ବାବା ଚନ୍ଦନେଶ୍ୱର ମହାଦେବଙ୍କ ପୀଠରେ ପହଞ୍ଚି ଅର୍ଘ୍ୟ ଦାନ ହୋଇଥିଲା। ବାବା ଚନ୍ଦନେଶ୍ୱରଙ୍କ ଶୈବପୀଠ ସହ ସମ୍ପର୍କ ରହିଥିବା ସମୁଦ୍ର କୂଳର ମାଁ ଜାହାଜୀ, ମାଁ କାଳୁଆ ଚଣ୍ଡୀ, ସିଦ୍ଧେଶ୍ୱର, ବଟେଶ୍ୱର ଓ ଜଗନ୍ନାଥ ମନ୍ଦିରରେ ବେକଡା କାର୍ଯ୍ୟକ୍ରମ ପରେ ଅନ୍ୟ ପାଖାପାଖି ମନ୍ଦିରରେ ପାଟଭକ୍ତ, ଶ୍ରୀବେକିଡି, ଦେଉଳିଆ ଓ ଉପବୀତଧାରୀ ଭକ୍ତମାନେ ପ୍ରଥା ଅନୁଯାୟୀ ମୌରସି ତପନ ପଣ୍ଡାଙ୍କ ଅନୁମତି ଓ ଆଶିର୍ବାଦ ଲାଭ କରି ବେକଡା ପଡ଼ିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୌରସି ତପନ କୁମାର ପଣ୍ଡାଙ୍କ ସମେତ ସେବାୟତ ବୁଦ୍ଧଦେବ ପଣ୍ଡା, ପାଟଭକ୍ତ ହରିଶ ଚନ୍ଦ୍ର ସାହୁ, ଶ୍ରୀବେକିଡି ନିରଞ୍ଜନ ଲେଙ୍କା, ଦେଉଳିଆ ଭକ୍ତ ଅଜିତ ପାତ୍ର, ଅସିତ ପାତ୍ର, ଅବନୀ ପାତ୍ର, ଭକ୍ତ ପ୍ରଣବ ସାହୁ, କାର୍ତ୍ତିକ ପାତ୍ର, ହୁଗୁଳି ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସ, ସମାଜସେବୀ ଗୋପାଳ ଚନ୍ଦ୍ର ଲାୟା, ମଣ୍ଟୁ ଶତପଥି, କୃଷ୍ଣପୁର ଗାଁ ମାଲିକ ଉପେନ୍ଦ୍ର ଲାୟା ଓ ଅନ୍ୟାନ୍ୟ ଉପବୀତଧାରୀ ଭକ୍ତ ଏବଂ କୃଷ୍ଣନଗର ଓ ବିନ୍ଧା ପଦ୍ମପୁର ଗାଁର ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ୧୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଚଡ଼କ ପର୍ବରେ ୧୧ ତାରିଖ ଗୁରୁବାର ମହାନୀଳ ପର୍ବ ଅନୁଷ୍ଠିତ ହେବାକୁ ଥିଲା ବେଳେ ୧୨ ତାରିଖ ଶୁକ୍ରବାର ପାଟପର୍ବ ଅନୁଷ୍ଠିତ ହେବ। ବିଗତ ବର୍ଷ ମାନଙ୍କ ତୁଳନାରେ ଚଳିତ ବର୍ଷ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ଏଥିରେ ଅଂଶଗ୍ରହଣ କରିବେ ବୋଲି ଆକଳନ କରାଯାଇଛି। ମହାନୀଳ ପର୍ବ ଓ ପାଟ ପର୍ବରେ ଯଥାକ୍ରମେ ୧୦ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ଝକଝକି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୋଗରାଇ, ୫।୪ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଝକଝକି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତରଙ୍ଗିଣୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ପ୍ରତି ଶିକ୍ଷକ ଏବଂ ଅଭିଭାବକଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କୃତ୍ତିବାସ ସାହୁ ଯୋଗଦେଇ ଶିଶୁ ମାନଙ୍କ ସହଜାତ ପ୍ରବୃତ୍ତି ସମ୍ପର୍କରେ ଆଲୋଚନା କରିବା ସହିତ ସେମାନଙ୍କୁ ସଠିକ ମାର୍ଗଦର୍ଶନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ଯଥେଷ୍ଟ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝକଝକି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌତମ କୁମାର ଦତ୍ତ, ଆଇନଜୀବୀ ରାଜକିଶୋର ଜେନା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀହରୀ ସାମଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ଦତ୍ତ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀହରୀ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରେଶ ଦତ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ପାଠ୍ୟପୁସ୍ତକ ଦେଇ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ମଧୁସୂଦନ ଦେ ମଞ୍ଚ ସଞ୍ଚାଳନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଅନୀତା କୁଣ୍ଡୁ, ଜୟଶ୍ରୀ ମହାନ୍ତି ଓ କପୁରା ସୋରେନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

## ଗାଁରୁ ହରିଣ ଉଦ୍ଧାର, ବନ ବିଭାଗକୁ ହସ୍ତାନ୍ତର



ଲଙ୍ଗଳେଶ୍ୱର, ୫।୪(ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଦାଣ୍ଡି ଗ୍ରାମରେ ଆଜି ଅପରାହ୍ନରେ ଏକ ହରିଣ ବୁଲୁଥିବାର ଦେଖି ଗ୍ରାମବାସୀ ହରିଣକୁ ଧରିବା ପାଇଁ ଉଦ୍ୟମ କରି ଥିଲେ। ପରେ ହରିଣଟି ଏକ ଜାଲରେ ଛନ୍ଦି ହୋଇଯାଇଥିଲା। ଖବର ପାଇ ଲଙ୍ଗଳେଶ୍ୱର ବନବିଭାଗର ଭାରପ୍ରାପ୍ତ ବନ ରକ୍ଷକ ହୃଷିକେଶ ପ୍ରଧାନ, ବନରକ୍ଷୀ ସାଗରିକା ସିଂ, ରାମେଶ୍ୱର ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରି ନେଇ ଡାକ୍ତରୀମାଇନା କରିବା ପରେ ସୁରକ୍ଷିତ ଭାବେ କୁଲଡିହା ଅଭୟାରଣ୍ୟରେ ଛଡାଯିବ ବୋଲି ସୂଚନା ଦେଇଛନ୍ତି। ହରିଣଟିର ଓଜନ ପ୍ରାୟ ୭୦କିଲୋ ଏବଂ ୫ ଫୁଟ ଲମ୍ବ ହୋଇଥିବା ବେଳେ ଏହା ଏକ ସ୍ୱଟେଡ ପ୍ରଜାତିର ଅଣ୍ଡିରା ହରିଣ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଇବଣିଆକୁ ଲକ୍ଷ୍ମୀବସ୍ ଚଳାଚଳ ଦାବି

ରାଇବଣିଆ, ୫।୪(ସମିସ) : ବାଲେଶ୍ୱର ଜିଲ୍ଲାର ସଦର ମହକୁମାଠାରୁ ପ୍ରାୟ ୭୦ କିଲୋ ମିଟର ଦୂର ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ରାଇବଣିଆକୁ ଲକ୍ଷ୍ମୀବସ୍ ଚଳାଚଳ ଦାବି ହୋଇଛି। ରାଇବଣିଆ ଅଞ୍ଚଳକୁ ୨ଟି ଲକ୍ଷ୍ମୀ ବସ୍‌ର ଚଳାଚଳ ବ୍ୟବସ୍ଥା ରହିଥିବାର ସୂଚନା ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ମଧ୍ୟ ଲକ୍ଷ୍ମୀ ବସ୍ ଗଡ଼ି ପାରିଲା ନାହିଁ। ରାଇବଣିଆ ଅଞ୍ଚଳରେ ୧୪ଟି ଗ୍ରାମ ପଞ୍ଚାୟତର ରହିଅଛି ଏବଂ ଏ ଅଞ୍ଚଳରେ ପାଖାପାଖି ୨ଲକ୍ଷରୁ ଅଧିକ ଲୋକଙ୍କ ବସବାସ କରିଥାନ୍ତି।

## ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା



ଜଳେଶ୍ୱର ବ୍ଲକ, ୫।୪ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ପଞ୍ଚାୟତ ନାଙ୍ଗୁଡ଼ସାହି ଗ୍ରାମର ଦିବଂଗତ ସାରସ୍ୱତ ସାଧକ କବି ତଥା ଆଦର୍ଶ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ପ୍ରତିମୂର୍ତ୍ତି ଓ ସ୍ମରଣିକା ଉନ୍ମୋଚିତ ଏବଂ ଶ୍ରଦ୍ଧାଞ୍ଜଳି ସଭା ସହିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରବାର ପୂର୍ବାହ୍ନରେ ପ୍ରାକ୍ତନ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ପରିବାର ବର୍ଗଙ୍କ ଗହଣରେ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିକୁ ଅନାବରଣ କରିବା ସହିତ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରୀ ବିଶ୍ୱାଳ ସଭାପତିତ୍ୱ କରି କାର୍ତ୍ତିକ ଦାସଙ୍କ ଜୀବନାଦର୍ଶନ, ବହୁମୁଖୀ ପ୍ରତିଭା ସମ୍ପର୍କରେ ଓ ଅନୁଷ୍ଠାନ ଗଢିବାର ରୂପକାର ଭାବେ ଅଭିହିତ କରିଥିଲେ। ମଞ୍ଚାସିନ ମୁଖ୍ୟ ଅତିଥି ଭାବେ ସାରସ୍ୱତ ସାଧକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଭ୍ୟ କାଳିପଦ ପଣ୍ଡା ଯୋଗଦେଇ ଦିବଂଗତ କାର୍ତ୍ତିକ ଦାସଙ୍କୁ ଜଗନ୍ନାଥ ଚିନ୍ତା ଚେତନାର ପ୍ରଗାଢ଼ ସେବକ ଭାବେ ଅବତାରଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ନରୋତ୍ତମ ପ୍ରଧାନ, କବି ରାଜାରାମ କରଶର୍ମା, ବନ୍ଧୁ କିଶାରାମ ମହାପାତ୍ର, ସାମ୍ୟବାଦୀ ନେତା ଶିଶିର ହୁଇ ପ୍ରମୁଖ ମଞ୍ଚାସୀନ ହୋଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟ ମାନ୍ୟଗଣ୍ୟ ଉପସ୍ଥିତ ଅତିଥି ମଧ୍ୟରେ, ଶ୍ୟାମାପଦ ଦାସ, ଦିଲ୍ଲୀପ ଗିରି, ଅଞ୍ଜଳି ମହାନ୍ତି, ବଙ୍କିମ ଚନ୍ଦ୍ର ଦେ, ସିତାଂଶୁ ସେନାପତି, ଖଗେନ୍ଦ୍ର ନାଥ ସାହୁ, ଶୁଶିଲ କୁମାର ମାହାନା, ଭାଗବତ ପରିଡ଼ା, ଗଣେଶ ଚନ୍ଦ୍ର ପରିଡ଼ା, କପିଳେଶ୍ୱର ମହାନ୍ତି, ସଞ୍ଜିବ ରାଉତ, ଡ. ଅଜିତ ମହାନ୍ତି, ସୁଦାମା ପାତ୍ର, ସପନ ଜେନା ପ୍ରମୁଖ ଭାଷଣ ଓ କବିତା ମାଧ୍ୟମରେ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ 'ସ୍ମୃତିରେ ସ୍ମୃତିରେ ଗୁରୁ କାର୍ତ୍ତିକ ଦାସ' ଶିର୍ଷକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପୁତ୍ର ତପନ ଦାସ, ସପନ ଦାସ, ଭାଇ ଗୌରହରି ଦାସ, ଶମ୍ଭୁ ଦାସ, ଦୁର୍ଗା ଶଙ୍କର ଗିରି, ଧର୍ମପତ୍ନୀ ମିନତି ଦାସ, ପରିବାର ବର୍ଗ ବନ୍ଧୁ ବାନ୍ଧବ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାନ ଭାଇ ରାମହରି ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଭାର୍ଥୀ ସମୃଦ୍ଧି ସଚେତନତା କାର୍ଯ୍ୟକ୍ରମ

ଭୋଗରାଇ, ୫।୪ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗାଁରେ ସାଂସଦ ପ୍ରତିନିଧି ତଥା ସିଆଁରୁଇ ପଞ୍ଚାୟତ ସମିତି ସଦସ୍ୟ ଆଶିଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ବିଜେପି ନେତା ଓ କର୍ମୀ ମାନେ ଘରକୁ ଘର ବୁଲି ମୋଦି ଗ୍ୟାରେଣ୍ଟି ପତ୍ର ବଣ୍ଟନ କରିବା ସହିତ ଲାଭ୍ୟାର୍ଥୀ ସମୃଦ୍ଧି ସମ୍ପର୍କରେ ପ୍ରତ୍ୟେକ ପରିବାରକୁ ସଚେତନ କରାଇଥିଲେ। ଶୁକ୍ରବାର ସକାଳେ ସାଂସଦ ପ୍ରତିନିଧି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ୩୫ନଂ ଜିଲ୍ଲା ପରିଷଦ ଜୋନ ଶ୍ରଦ୍ଧାପୁର ପଞ୍ଚାୟତର ବିଭିନ୍ନ ଗାଁ ଏବଂ ଅପରାହ୍ନରେ ୩୧ନଂ ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତର ବିଭିନ୍ନ ଗାଁରେ ଘରକୁ ଘର ବୁଲି ମୋଦି ଗ୍ୟାରେଣ୍ଟି ପତ୍ର ବଣ୍ଟନ କରିଥିଲେ। ସେହିପରି ଗୁରୁବାର ୩୨ନଂ ଜିଲ୍ଲାପରିଷଦ ଜୋନ ଅନ୍ତର୍ଗତ କଚୁଆଡି ଓ ଦୁଡପଳ ପଞ୍ଚାୟତ ଏବଂ ୩୦ନଂ ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ବାଲିମ, ନହରା, ଖରିଦପିପଳ ଓ ଆରୁହାବୃତ୍ତି -୧ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗାଁରେ ଘରକୁ ଘର ବୁଲି ମୋଦି ଗ୍ୟାରେଣ୍ଟି ପତ୍ର ବଣ୍ଟନ କରିଥିଲେ।

# ପ୍ରଚାର ଆରମ୍ଭକଲେ ହିମାଂଶୁ



ଖଇରା, ୫।୪ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ହିମାଂଶୁ ବେହେରା ଟିକେଟ ଘୋଷଣାକୁ ଅପେକ୍ଷା ନ କରି ଶୁକ୍ରବାରଠାରୁ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମେ ଗଗନଧୁଳି ପଞ୍ଚାୟତକୁ ଯାଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କର୍ମୀମାନଙ୍କ ସହ ବାଇକ ରାଲି ପରେ ପଥପ୍ରାନ୍ତ ସଭା କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଧାନ ସହାୟକ ମୂଲ୍ୟ ୩ ହଜାରକୁ ବୃଦ୍ଧି, ୨ଶହ ୟୁନିଟ ବିଦ୍ୟୁତ୍ ଓ କୃଷି ଋଣ ଛାଡ, ୫ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର ଇତ୍ୟାଦି ଗ୍ୟାରେଣ୍ଟି ଉପରେ ଭୋଟରଙ୍କୁ କହିଥିଲେ। ଅନ୍ୟତମ କଂଗ୍ରେସ ନେତା କମଳାକାନ୍ତ ପାଣିଗ୍ରାହୀ, ନୃସିଂହ ପାଣିଗ୍ରାହୀ, ମୁକୁନ୍ଦ ପାଣ୍ଡିଆ, ସୁଶାନ୍ତ ଜେନା, ମୁକ୍ତିକାନ୍ତ ବେହେରା, କୁନ ଜେନା, ସନ୍ତୋଷ ଦାସ, ଯୁଧିଷ୍ଠିର ସାହୁ, ଭଗବାନ ପରିଡ଼ା, ଦିନବନ୍ଧୁ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ନିଖୋଜ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର, ୫।୪(ସମିସ): ଗତକାଲିଠାରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ନୂଆଗାଁ ଜେଲ ନିକଟସ୍ଥ ଏକ ପରିତ୍ୟକ୍ତ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସୋର ବ୍ଲକ ମୁଳିଶିଂ ପଞ୍ଚାୟତ ବଗିଚା ସାହି ଗ୍ରାମର ଅନୁକୂଳ ନାୟକ(୨୪) ଗତକାଲି ପୂର୍ବାହ୍ନରୁ ଘରୁ କୁଆଡେ ଯାଇଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇନଥିଲେ। ମାତ୍ର ଆଜି ସକାଳେ ଘର ଠାରୁ ମାତ୍ର ୨୦୦ ମିଟର ଦୂର ଜେଲ ପଛପଟରେ ଥିବା ଏକ ପରିତ୍ୟକ୍ତ ଜଙ୍ଗଲରେ ତାଙ୍କର ମୃତ ଦେହ ଏକ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେବା ସହିତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୨୨/୨୪ରେ ଏକ ମାମଲା ରୁଜୁ କରି ଶବ ଜବତ କରି ସୋର ଡାକ୍ତରଖାନାକୁ ଆଣି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଅଜା ମାଡ଼ରେ ୨ ବର୍ଷର ନାତି ଗୁରୁତର



ଦହମୁଣ୍ଡା/କମର୍ଦ୍ଦା, ୫।୪ (ସମିସ): ଅଜା ମାଡ଼ରେ ୨ ବର୍ଷର ନାତି ଗୁରୁତର ଆହତ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କିଆରଦା ଗ୍ରାମରେ। ଗୌରାଙ୍ଗ ଘଡ଼ାଇଙ୍କ ଭଣଜା ବୋହୂ ବର୍ଷେ ତଳେ ଛୋଟ ପିଲାଟିକୁ ଛାଡି କୁଆଡେ ପଳାଇ ଯାଇଥିଲା। ଅଜା, ଆଇ ପାଖରେ ଦୁଇ ବର୍ଷର ନାତି ରହୁଆସୁଥିଲା। ଦୁଇ ଦିନ ପୂର୍ବରୁ ଅଜା ମଦ୍ୟ ପାନ କରି ଆସି ଦୁଇ ବର୍ଷର ନାତିକୁ ନିର୍ଧୁମ ମାଡ଼ ମାରିଥିଲା। ଦୁଇ ଦିନ ବନ୍ଦ କୋଠରୀ ଭିତରେ ନାତି କୁ ନିର୍ଯାତନା ଦେଇଥିଲେ। ଶିଶୁର ଆଖିରେ ବଡ଼ ଧରଣର କ୍ଷତ ସୃଷ୍ଟି ହେଇଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଖବର ପାଇ ଶିଶୁ କୁ ଉଦ୍ଧାର କରି କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉତ୍ତ୍ୟକ୍ତ ଲୋକେ ଗୌରାଙ୍ଗଙ୍କୁ ମାଡ଼ ମାରିଥିଲେ। ଖବର ପାଇ କମର୍ଦ୍ଦା ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଛି।

## ବିଳମ୍ବିତ ରାତିରେ ପଶ୍ଚିମବଙ୍ଗକୁ ଯାଉଛି ଚୋରା ବାଲି

ଚୌକି, ୫।୪ (ସମିସ) : ଭୋଗରାଇ ବ୍ଲକରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଚରମ ସୀମାରେ ପହଞ୍ଚିଛି। ପ୍ରତିଦିନ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ. ରାଜ୍ୟ ରାଜପଥ ଦେଇ ଆସୁଥିବା ଶହ ଶହ ବାଲି ଡମ୍ଫର ବିଭିନ୍ନ ଗଳାବାଟ ଦେଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବାବେଳେ ସୁବର୍ଣ୍ଣରେଖା ନଦୀଗର୍ଭରୁ ଉତ୍ତୋଳନ ହେଉଥିବା ବାଲିକୁ ଟ୍ରାକ୍ଟର ଯୋଗେ ପ୍ରତିଦିନ ବିଳମ୍ବିତ ରାତିରେ ନିର୍ଭୟରେ ଚାଲାଣ ହେଉଛି। ସ୍ଥାନୀୟ ପ୍ରଶାସନ ଏଭଳି ବେଆଇନ କାର୍ଯ୍ୟକୁ ରୋକିବାରେ ବିଫଳ ହୋଇଛି। ଫଳରେ ରାଜସ୍ୱହାନି ହେବା ସହ ମାଲେ ମାଲ ହେଉଛନ୍ତି ବାଲି ମାଫିଆମାନେ। ଅନ୍ୟପକ୍ଷରେ ଗ୍ରାମ୍ୟ ରାସ୍ତା ଦେଇ ପ୍ରତିଦିନ ଶହ ଓଜନିଆ ଗାଡ଼ି ଚଳାଚଳ କରୁଥିବାରୁ ରାସ୍ତାଘାଟ ବିପର୍ଯ୍ୟସ୍ତ ହେଉଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ସ୍ଥାନୀୟ ପ୍ରଶାସନର ଲଗାତାର ଚଢ଼ଉ ହେଉଥିଲା ବେଳେ ଚୋରା ବାଲି ଚାଲାଣ ଉପରେ ଲଗାମ ଲାଗିଥିଲା। ମାତ୍ର ଯେଉଁଦିନ ଠାରୁ ବାଲିର ଉତ୍ସ କୁ ଖଣି ବିଭାଗ କୁ ହସ୍ତାନ୍ତର କରାଗଲା ସେହିଦିନ ଠାରୁ ସ୍ଥାନୀୟ ରାଜସ୍ୱ ବିଭାଗ ଆଉ ବାଲି ଚାଲାଣ ଉପରେ ନଜର ରଖିଲେ ନାହିଁ। ଯାହାଫଳରେ ଏବେ ମାଫିଆ ମାନେ ସକ୍ରିୟ ହୋଇ ପ୍ରତିଦିନ ଶହ ଶହ ଗାଡ଼ି ବାଲି ପଡ଼ୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ଭୋଗରାଇ-ଗଣେଶ୍ୱର ପୂର୍ତ୍ତ ବିଭାଗ ରାସ୍ତା ଭାୟା ଥାନାଛକ ଏବଂ ଦେଉଳାରୁ ମାନକୁଣ୍ଡା ରାସ୍ତା ଦେଇ ପ୍ରତିଦିନ ଶହ ଶହ ବାଲି ବୋଝେଇ ଡମ୍ଫର ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିବା ବେଳେ ଭୋଗରାଇ ଲକ ଠାରୁ ପୁଣି ସେହି ରାସ୍ତା ଦେଇ ବିଳମ୍ବିତ ରାତିରେ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଛି। ଆବଶ୍ୟକଠାରୁ ଅଧିକ ଓଜନର ଏହି ବାଲି ଟ୍ରକ ଓ ଟ୍ରାକ୍ଟର ଦ୍ରୁତ ଗତିରେ ଗ୍ରାମ ମଧ୍ୟ ଦେଇ ଯାତାୟାତ କରୁଥିବାରୁ ରାସ୍ତାରେ ଗାଡ଼ ହେଉଥିବା ବେଳେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ଏଭଳି ବେଆଇନ ବାଲି ଚାଲାଣ ଉପରେ ରୋକ ଲଗାଇବା ସହ ସମ୍ପୃକ୍ତ ବାଲି ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ୪ ପଞ୍ଚାୟତର ଗ୍ରାମବାସୀ ଦାବି କରିଛନ୍ତି।

# ରାତିରେ ଟର୍ଚ୍ଚ ଲାଇଟ୍‌ରେ ହେଉଛି ରାସ୍ତାକାମ

**ନିମ୍ନମାନର ଅଭିଯୋଗ**

ବାହାନଗା, ୫।୪(ସମିସ) :

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ସୋର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଜାରି ରହିଛି। ଗୁରୁବାର ଅନ୍ଧାର ରାତିରେ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ଅନୁପସ୍ଥିତରେ ଫତେପୁର ଗ୍ରାମରେ ଟର୍ଚ୍ଚ ଲାଇଟରେ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିବାର ଦେଖିବାକୁ ମିଳିଛି। ଖବର ଅନୁସାରେ, ୨୦୨୩ ମସିହାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଫତେପୁର ଆରଡ଼ି ରାସ୍ତାଠାରୁ ଗୋପାଳପୁର ଦୋଲେଇ ଚଣ୍ଡୀ ଛକ ଭାୟା - ପାତ୍ର ସାହି, ସାରଙ୍ଗପୁର, ମହାରଣା ସାହି ଏବଂ ଫତେପୁର ଦୋଳପଡ଼ିଆ ପାଇଁ ୫ କିମି ୫୦ ମିଟର ରାସ୍ତା ନିର୍ମାଣ ପାଇଁ ୪ କୋଟି ୬୯ ଲକ୍ଷ ୩୪ ହଜାର ୭୭୪ ଟଙ୍କା ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟର ଟେଣ୍ଡର ହେବା ପରେ ଠିକାଦାର ସିଦ୍ଧାର୍ଥ ଶଙ୍କର ପଣ୍ଡା ଏହି କାର୍ଯ୍ୟକୁ କରୁଛନ୍ତି। ହେଲେ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନ ମାନର ହେଉଥିବା ବେଳେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟରେ ଭାଇବ୍ରେଟର ସଠିକ ଭାବେ ବ୍ୟବହାର ନକରି ଯେଣତେଣ ପ୍ରକାର କାର୍ଯ୍ୟ ସାରି ଦେଉଥିବାର ଅଭିଯୋଗ ହେଉଛି। କେବଳ ସେତିକି ନୁହଁ ଗୁରୁବାର ଅନ୍ଧାର ରାତିରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ କୌଣସି ବି ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ନ ଥିଲେ। ଏମିତି କି ଏହି କାର୍ଯ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ବେଳେ କୌଣସି ଆଲୋକର ବ୍ୟବସ୍ଥା କରାଯାଇନଥିଲା। ଟର୍ଚ୍ଚ ଲାଇଟ ଜରିଆରେ କାର୍ଯ୍ୟ ହେଉଥିଲା। ଟର୍ଚ୍ଚ ଲାଇଟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସରକାରୀ ରାସ୍ତା କାର୍ଯ୍ୟ ଚାଲିବା ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ କାର୍ଯ୍ୟର ମାନ ଏବଂ ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ସୋର ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଅଣାକାର ଜେନାଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପଟେ ଠିକାଦାର କରୁଥିବା କାର୍ଯ୍ୟର ସଠିକ ତଦାରଖ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ମଦ କାରଖାନା ଉପରେ ଚଢ଼ଉ

## ଖାଲିହାତରେ ଫେରିଲା ଅବକାରୀ ବିଭାଗ

ଜଲେଶ୍ୱର ବ୍ଲକ, ୫।୪ (ସମିସ):

ଜଲେଶ୍ୱର ଥାନା ରାଜପୁର ସ୍ଥିତ ଜୈନିକ ମଦ ବେପାରୀଙ୍କ ଗ୍ୟାରେଜ ବଜାରସ୍ଥିତ ଚୋରା ମଦଭାଟି ଉପରେ ଅବକାରୀ ବିଭାଗ ଚଢ଼ଉ କରିଛି। ଗତକାଲି ରାତି ସାତଟା ସମୟରେ ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ସି.ଏଚ.ତିରୁପତି, ମୋବାଇଲ ଆଇଆଇସି ସୁଜିତ ବାଲା, ଇନିଷ୍ଟପେକ୍ଟର ଦିପ୍ତିମୟୀ ସାହୁ, ହରିହର ସିଂ, ରଞ୍ଜନ କୁମାର ଦାସ, ଜଲେଶ୍ୱର, ବାଲିଆପାଳ, ବସ୍ତା, ନୀଳଗିରି, ସୋର, ବାଲେଶ୍ୱର, ଜଲେଶ୍ୱର ସାଟେଲାଇଟ ବିଭାଗ, ଜଲେଶ୍ୱର ଥାନା ସବ୍‌ଇନିସ୍ପେକ୍ଟର ଚିରଞ୍ଜୀବୀ ରାଉତ ସମେତ ସଦଳବଳେ ଅବକାରୀ ବିଭାଗ ଚୋରା ମଦ ଭାଟି ଓ ବେପାରୀଙ୍କ ଘରେ ମିଳିତ ଚଢ଼ାଉ କରିଥିବା ବେଳେ କିଛି ପାଇ ନ ଥିଲେ। ଚୋରା ମଦ ବେପାରୀ ମଧ୍ୟ ସପରିବାର ଘରେ ନ ଥିବା ଜଣା ପଡ଼ିଛି। ଚୋରା ମଦ ବେପାରୀ ଘରୁ ନିରାଶ ହୋଇ ଅବକାରୀ ବିଭାଗ ଜଲେଶ୍ୱରର ବିଭିନ୍ନ ସ୍ଥାନରେ ଚୋରା ମଦ ବେପାରୀ ଯୋଗାଉଥିବା ଛୋଟ ଛୋଟ ମଦ ବେପାରୀଙ୍କ ଘରେ ଚଢ଼ଉ କରୁଥିବା ଜଣାପଡ଼ିଛି। ତେବେ ଘଟଣା ସମ୍ପର୍କରେ ଅଧିକାରୀ ମାନେ ନିର୍ବାଚନକୁ ନଜରରେ ରଖି ଦେଶୀମଦ ଏବଂ ବ୍ରାଉନ ସୁଗାର ବେପାରୀଙ୍କ ଉପରେ ତୀକ୍ଷ୍ଣନଜର ରଖାଯିବା ସହିତ ସେକ ସାଜନ ଘରେ ଚଢ଼ଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ସହ ମଦ ଜବତ ହୋଇଥିବା କହିଛନ୍ତି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

# ଗୁରୁଙ୍କ ମହତ୍ ଇଚ୍ଛା ଛାତ୍ରଛାତ୍ରୀଙ୍କ ଜୀବନକୁ ଆଲୋକିତ କରେ

ଭୋଗରାଇ, ୫।୪ (ସମିସ): ବିଦ୍ୟାଳୟ ହେଉଛି ଆଦର୍ଶ ମଣିଷ ତିଆରି କାରଖାନା। ଏଠାରେ ଛାତ୍ରଛାତ୍ରୀ ମାନଙ୍କ ସୁଦୃଢ ମୂଳଦୁଆ ଗଠନ ହୋଇଥାଏ। କମାରଶାଳରେ କମାର ମାନେ କଞ୍ଚା ଲୁହାକୁ ଯେପରି ନିଜ ଇଚ୍ଛା ଏବଂ ଆବଶ୍ୟକତା ଅନୁସାରେ ଗଢି ବିଭିନ୍ନ ପ୍ରକାରର ଉପକରଣ ତିଆରି କରନ୍ତି, ସେହିଭଳି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ମହତ ଇଚ୍ଛାରେ କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଆଦର୍ଶ ନାଗରିକ ଭାବେ ଗଢିପାରିବେ। ଏହାସହିତ ଛାତ୍ରଛାତ୍ରୀ ମାନେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଭଗବାନ ଆସନରେ ବସାଇ ପାରିଲେ ସେମାନଙ୍କ ଭବିଷ୍ୟତ ଜୀବନ ଅନନ୍ତ ଆଲୋକରେ ଉଦଭାସିତ ହୋଇଥାଏ ବୋଲି ଭୋଗରାଇ ବ୍ଲକ କୁମ୍ଭାରମୁଳି ପଞ୍ଚାୟତ ଅନ୍ତର୍ଗତ ଚୌକି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପ୍ରଧାନ ଶିକ୍ଷକ ଅର୍ଦ୍ଧେନ୍ଦୁ ଶେଖର ତ୍ରିପାଠୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମତପ୍ରକାଶ ପାଇଛି। ଯୋଗେନ୍ଦ୍ର ସୁଚିତ୍ରା ବିଦ୍ୟାମନ୍ଦିରର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ସଂସ୍କାରୀ ହେବାକୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାରବାଟିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ସାହୁ ଯୋଗଦେଇ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, କାଳାହୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବେନୁଚରଣ ଜେନା, ୫କ୫କି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌତମ କୁମାର ଦତ୍ତ, ନିଖିଳ ଉତ୍କଳ ପ୍ରାଥମିକ ସ୍କୁଲ ଶିକ୍ଷକ ସଂଘ ଭୋଗରାଇ ବ୍ଲକ ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଓ ସମ୍ପାଦକ ଅଜିତ କୁମାର ସାମଲ, ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରୀ ଆଧେକ, ଭୋଗରାଇ ପ୍ରେସ କ୍ଲବ ଉପସଭାପତି ବିକାଶ ପାଣିଗ୍ରାହୀ, ସାମ୍ବାଦିକ ବିଶ୍ୱଜିତ ମହାନ୍ତି, ଯୋଗେନ୍ଦ୍ର ସୁଚିତ୍ରା ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା, ଚୌକି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜିବ କୁମାର ନାୟକ, ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଓ ମିନତୀ ଘଡାଇ, ପୂରାତନ ଛାତ୍ର ପ୍ରଦୀପ ଆଧେକ ଓ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଅର୍ଦ୍ଧେନ୍ଦୁ ଶେଖର ତ୍ରିପାଠୀଙ୍କୁ ମାନପତ୍ର ସହିତ ବିଭିନ୍ନ ଉପଢ୍ୌକନ, ଅଙ୍ଗବସ୍ତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ଅଶୋକ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁଣାଧର ଆଧେକ ଧନ୍ୟବାଦ ଅର୍ପଣ କରିଥିଲେ।



## ● ରଣସିଂହପୁର ରଘୁନାଥ ସାଂସ୍କୃତିକ ସଙ୍ଗଠନର ବାର୍ଷିକ ଉତ୍ସବ ଉଦ୍‌ଯାପିତ

# ଭୋଗରାଇ ମାଟି କଳା, ସାହିତ୍ୟ ଓ ସଂସ୍କୃତିର ଏନ୍ତୁଡ଼ିଶାଳ



ଚନ୍ଦନେଶ୍ୱର, ୫।୪ (ସମିସ): ଭୋଗରାଇ ମାଟି କଳା, ସାହିତ୍ୟ ଓ ସଂସ୍କୃତିର ଏନ୍ତୁଡ଼ିଶାଳ ବୋଲି ଭୋଗରାଇର କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ରଘୁନାଥ ସାଂସ୍କୃତିକ ସଙ୍ଗଠନର ତିନିଦିନ ବ୍ୟାପୀ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଆୟୋଜିତ ଉଦଯାପନୀ ସନ୍ଧ୍ୟାରେ କଳାକାର ସଂଘର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ କଳାକାର ମୁରଲୀ ମୋହନ ମହାନ୍ତି ଯୋଗଦେଇ ସଙ୍ଗୀତ ଏପରି ଏକ କଳା ଯାହା ମଣିଷ, ଏପରିକି ଦୁଷ୍ଟ ପ୍ରାଣୀଙ୍କୁ ମଧ୍ୟ ଶୃଙ୍ଖଳିତ ଓ ବଶୀଭୂତ କରିଥାଏ। କଳାକାରଟିଏ ମୁହଁରେ ରଙ୍ଗ ବୋଳି ଦର୍ଶକଙ୍କୁ ଖୁସି ବାଣ୍ଟୁଥିବାବେଳେ ନିଜେ ଦୁଃଖରେ ଜୀବନ ବିତାଏ ବୋଲି କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ ଯୋଗଦେଇ ମଣିଷ ମାଁ ପେଟରୁ ହିଁ କଳା ପ୍ରଦର୍ଶନ କରିଥାଏ। ଜୀବନ ଏମିତି ଏକ ନାଟକ ଯାହାର ଶେଷ ଦୃଶ୍ୟକୁ ସେ ଦେଖି ପାରେ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିହାର ରାଜ୍ୟର କଳାକାର ସଞ୍ଜୟ କୁମାର, ମଞ୍ଚ କଳାକାର ନାଟ୍ୟକାର ଶମ୍ଭୁନାଥ ଭଞ୍ଜ, ସାମ୍ବାଦିକ ସୁବାସ ଦାସ, ଡାକ୍ତର ଶୋଭାରାଣୀ ମହନ୍ତ, ସମାଜସେବୀ ଗୋପବନ୍ଧୁ ଦାସ, ଦିଲ୍ଲୀପ କାମିଲା ପ୍ରମୁଖ ଯୋଗଦେଇ କଳା ଓ କଳାକାରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥାପିକା ସ୍ମୃତିପ୍ରଜ୍ଞା ବେହେରା ମଞ୍ଚ ଆହ୍ୱାନ କରିଥିବା ବେଳେ କଳାକାର ସଂଘର ସଦସ୍ୟ ଦେବବ୍ରତ ଜେନା ଅତିଥି ପରିଚୟ କରିଥିଲେ ଓ ସଂଘର ସଭାପତି ଭୁବନ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଏବଂ 'କିଏ ଶୁଣିବ କାହାଣୀ ମୋର' ନାଟକ ପରିବେଷଣ ସ୍ଥାନୀୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା।

# ଅବସରପ୍ରାପ୍ତ ମୁଖ୍ୟ ଦପ୍ତରୀଙ୍କ ପରଲୋକ



ଭୋଗରାଇ, ୫।୪ (ସମିସ) : ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ) ର ଅବସରପ୍ରାପ୍ତ ମୁଖ୍ୟ ଦପ୍ତରୀ ସୁନାଧରବସାଣ ପଞ୍ଚାୟତ ଅନ୍ତର୍ଗତ ମଳାରୁଆଁ ଗ୍ରାମର ଅଜୟ କୁମାର ଚାନ୍ଦଙ୍କ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ସକାଳ ସାଢେ ୬ ଟାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଜଣେ ଶିକ୍ଷାବିତ, ସୁସଙ୍ଗଠକ, ଦରଦୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ତାଙ୍କର ଖ୍ୟାତି ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସଂଯୁକ୍ତା, ଦୁଇ ପୁତ୍ର ଚିନ୍ମୟ ଓ ବିନୟ, ଏକମାତ୍ର କନ୍ୟା ଇପ୍ସିତା ଓ ଜ୍ୱାଇଁ ମନୋରଞ୍ଜନ, ପୁତ୍ରବଧୂ ମଧୁସ୍ମିତା ଓ ରାମେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ ବିଜୟ କୁମାର ସିଂହ, କୌଶିକ ଚାନ୍ଦ, ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ କେଦାର ସିଂ ଦାସ, ତାଙ୍କର ସମସ୍ତ ସହକର୍ମୀ, ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନାରାଣୀ ଭଞ୍ଜ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମଳାରୁଆଁ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ମିଳନ ମହୋତ୍ସବ-୨୦୨୪ର ଚତୁର୍ଥ ସନ୍ଧ୍ୟା

# ମହୋତ୍ସବ ସମ୍ପର୍କର ସେତୁବନ୍ଧ ବାନ୍ଧିଥାଏ

ଜଲେଶ୍ୱର ବ୍ଲକ, ୫।୪ (ସମିସ): ଜଲେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତ ବିରିଶପୁର ସ୍କୁଲ ପଡ଼ିଆ ଠାରେ ମିଳନ ମହୋତ୍ସବ -୨୦୨୪ର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାନ୍ଧ୍ୟ କାଳୀନ ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ଦାସଙ୍କ ପୌରୋହିତ୍ୟ କରିଥିଲେ। ମହୋତ୍ସବର ସମ୍ପାଦକ ବ୍ରଜ ଗୋପାଳ ରାଉତ(ହରିଭାଇ) ବେଦ ପାଠ କରିଥିଲେ। ସଭା ପ୍ରାରମ୍ଭରେ ବିରିଶପୁର ଉ:ପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଲକ୍ଷ୍ମଣନାଥ ପଞ୍ଚାୟତର ସମିତି ସଭ୍ୟ ତଥା ମିଳନ ମହୋତ୍ସବର ମୁଖ୍ୟ ଉଦ୍ୟୋକ୍ତା ଜିତେନ୍ଦ୍ର ନାଥ ଦାସ ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ




ଜଲେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ତାଙ୍କ ବକ୍ତବ୍ୟରେ ମହୋତ୍ସବ କେବଳ ମନୋରଞ୍ଜନ ର ମାଧ୍ୟମ ନୁହେଁ ଅଞ୍ଚଳରେ ବିକାଶର ଉପଯୋଗିତା ପାଲଟି ଥାଏ। ମୁଖ୍ୟବକ୍ତା ଭାବରେ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଓଷ୍ଟା ଜଲେଶ୍ୱରର ସମ୍ପାଦକ ଡ. ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ ଏହି ମିଳନ ମହୋତ୍ସବ ଆଧାତ୍ମିକ, ସାମାଜିକ, ସଂସ୍କୃତିକ ତଥା ଭାଇଚାରାର ବାର୍ତ୍ତା ବହନ କରୁଛି। ସମ୍ମାନିତ ଅତିଥି ବିଶିଷ୍ଟ କବି ବସନ୍ତ ଦାସ, ମହୋତ୍ସବର ସଭାପତି କାହ୍ନୁ ଚରଣ ଜେନା, ମୁରଲୀଧର ଡଗର, ଜଗବନ୍ଧୁ ଜେନା, ସତ୍ୟବ୍ରତ ବାରିକ, ଶ୍ୟାମ ସୁନ୍ଦର ଦଳେଇ, ଗଣେଶ କଟୁଆଲ, ବ୍ରଜେନ୍ଦ୍ର ମହାନ୍ତି ପ୍ରଭୃତି ସଞ୍ଚାଳନ କରିଥିଲେ। ବ୍ରଜ ଗୋପାଳ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୯ ତମ ଦେଉଳା ହାଟ ଉତ୍କଳ ଦିବସ ସମାରୋହ ଉଦ୍‌ଯାପିତ

# ମାତୃଭୂମି, ମାତୃଭାଷା ସୁରକ୍ଷାରେ ଭୋଗରାଇବାସୀଙ୍କ ଅବଦାନ ଚିରସ୍ମରଣୀୟ

ଭୋଗରାଇ, ୫।୪ (ସମିସ) :

ଗାଁକୁ ଭଲ ପାଉଥିବା ମଣିଷ ମାତୃଭାଷାକୁ ଭଲପାଇଥାଏ। ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିଥିବା ମହାନ କବି ଓ ଲେଖକମାନେ ଗାଁ ଓ ଗ୍ରାମ୍ୟ ପ୍ରକୃତିକୁ ନେଇ ବହୁ କାଳଜୟୀ କବିତା, ପ୍ରବନ୍ଧ, ଉପନ୍ୟାସ ଆଦି ରଚନା କରି ଓଡ଼ିଆ ଭାଷା ସୁରକ୍ଷାର ସାରଥୀ ସାଜିଥିଲେ। ମାତୃଭୂମିର ସୁରକ୍ଷାରେ ଭୋଗରାଇବାସୀଙ୍କ ଅବଦାନ ଅନାଲୋଚିତ ଇତିହାସ ହେଲେ ମଧ୍ୟ ଚିରସ୍ମରଣୀୟ। ଇତିହାସ ବର୍ଣ୍ଣିତ ପ୍ରସିଦ୍ଧ ଟୁଙ୍କୁରାଇ ଯୁଦ୍ଧ, ରଣକୋଠୀ, ବୀରକୂଳ ଭୂମି, ମନ୍ଦାରଗଡ଼, ବିଜୟା ବାଶୁଳୀ, କିରାତ ଗଡ଼, ପିପିଲି ବନ୍ଦର ଆଦି ଅଧୁନା ଭୋଗରାଇ ଅଞ୍ଚଳର ହୋଇଥିଲାବେଳେ ମାତୃଭୂମିର ସୁରକ୍ଷାରେ ଭୋଗରାଇବାସୀଙ୍କ ସମ୍ପୃକ୍ତି ଏବଂ ମାତୃଭାଷାର ସୁରକ୍ଷାରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ପରବର୍ତ୍ତୀ ଭୋଗରାଇ ପିଠାପୁରା ଗାଁର ଜାନକୀବଲ୍ଲଭ କରଶର୍ମାଙ୍କ ଭଳି ମହାନ କବିଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିଛି। ଅତୀତ ସ୍ମୃତିକୁ ଉଜ୍ଜୀବିତ କରିବା ଏବଂ ବର୍ତ୍ତମାନ ସମୟରେ ମାତୃଭୂମି ଓ ମାତୃଭାଷାର ସୁରକ୍ଷାରେ ଯୁବକ ମାନେ ଆଗଭର ହେବା ଜରୁରୀ ବୋଲି ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ହାଟ ଉତ୍କଳ ଦିବସ ସମାରୋହର ଉଦଯାପନୀ ସାନ୍ଧ୍ୟ ସଭାରେ ମତପ୍ରକାଶ ପାଇଛି।

ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ତଥା ଆଦର୍ଶ ଶିକ୍ଷକ ରାଜକିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସାନ୍ଧ୍ୟ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା କବି ସତ୍ୟଶିବ ଦାସ ଯୋଗ ଦେଇ ଭୋଗରାଇର ଅତୀତ ଇତିହାସ ଓ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଇଂରାଜୀ ଭାଷା ବିଭାଗ ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଦାସ ଯୋଗ ଦେଇ ମାତୃଭାଷାର ସୁରକ୍ଷାରେ ମହାନ କବି ଓ ଲେଖକ ମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ବକ୍ତା ଭାବେ ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି ଯୋଗ ଦେଇ ମାତୃଭାଷା ସୁରକ୍ଷାରେ ଭୋଗରାଇବାସୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅନନ୍ତ ପୁରୁଷୋତ୍ତମ ବିକାଶ ପରିଷଦର ସଭାପତି ଶକ୍ତିପଦ ଦାସ ମହାପାତ୍ର ଓ ଉତ୍ସବ କମିଟିର ଉପ ସଭାପତି ଅନାଦି ରଞ୍ଜନ ଦାସ ମହାପାତ୍ର ଯୋଗ ଦେଇଥିଲେ। ଏହି ସମାରୋହ ଅବସରରେ ୪ ଦିନ ଧରି ବିଭିନ୍ନ ବିଦ୍ୟାଳୟର ସବ ଜୁନିୟର, ଜୁନିୟର ଓ ସିନିୟର ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ କମିଟି ଉପ ସଭାପତି ହରିପଦ ସାହୁ ମଞ୍ଚ ଆହ୍ୱାନ କରିଥିଲା ବେଳେ ବରିଷ୍ଠ ସଦସ୍ୟ ଗଙ୍ଗଦ୍ୟୋକ ଜେନା ପ୍ରାରମ୍ଭିକ ଭାଷଣ ଓ ମନୋରଞ୍ଜନ ଘରାଇ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ବେଜ ମଞ୍ଚ ପରିଚାଳନା କରିଥିଲେ।

ଉତ୍ସବ କମିଟିର ସଭାପତି ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଶିକ୍ଷାବିତ ପ୍ରମଥ କୁମାର ଗିରି, କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକୁମାର ଘୋଷ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅରୁଣ ଦାସ, ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ସୁକୁମାର ଜେନା, ପୂର୍ବତନ ଦେଉଳା ସରପଞ୍ଚ ଅରୁଣ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଅତୁଲ ଜେନା, ବରିଷ୍ଠ କାର୍ଯ୍ୟକର୍ତ୍ତା ନିଶେଷ ଦେବ, କାହ୍ନୁଚରଣ ଦାସ, ସଞ୍ଜୟ ଜେନା, ଚତୁର୍ଭୁଜ ଜେନା, ନାରାୟଣ ଦାସ, ପୃଥ୍ୱୀରାଜ ଗିରି, ଅକ୍ଷୟ ପାତ୍ର, ହରିହର ରାଉଳ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।




# ରେଳଫାଟକ ନିକଟରୁ ମୃତଦେହ ଉଦ୍ଧାର

ଜଲେଶ୍ୱର ବ୍ଲକ, ୫।୪ (ସମିସ): ଜଲେଶ୍ୱର ରେଳ ଷ୍ଟେସନର ଅନତି ଦୂର ଓଳିନ୍ଦା ରେଳ ଫାଟକ ନିକଟରୁ ରେଲୱେ ପୁଲିସ ଏକ ମୃତଦେହ ଉଦ୍ଧାର କରିଛି। କୌଣସି ଏକ ଦୃତଗାମୀ ରେଳଗାଡ଼ିରୁ ଖସି ମୃତ ହୋଇଥିବା ସନ୍ଦେହ। ମୃତଦେହ ନିକଟରୁ ମିଳିଥିବା ଆଧାର କାର୍ଡରେ ନାମ ହେଉଛି, ଆନନ୍ଦ ଚାଟାର୍ଜୀ, ବୟସ ୩୫ ବର୍ଷ ପିତା-ତୁଷାର ଚାଟାର୍ଜୀ ଗ୍ରାମ-ବାରାନଗର ଷ୍ଟ୍ରିଟ, କଲିକତା, ଜିଲ୍ଲା-ହୁଗୁଳି, ପଶ୍ଚିମବଙ୍ଗ ବୋଲି ସୂଚିତ ଅଛି। ଖବର ପାଇ ଜଲେଶ୍ୱର ରେଲୱେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଜିକେ ହସ୍‌ପିଟାଲକୁ ନେଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହିତ ମୃତକଙ୍କ ଘରକୁ ଫୋନ କରି ଘଟଣା ସମ୍ପର୍କରେ ଅବଗତ କରିବା ପରେ ଯୁବକର ସାନ ଭାଇ ଟ୍ରେନ ଯୋଗେ ଜଲେଶ୍ୱର ଆସୁଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜଲେଶ୍ୱର ବ୍ଲକ, ୫।୪ (ସମିସ) : ଜଲେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣର ସ୍ୱତନ୍ତ୍ର ଶିବିର ମହାବିଦ୍ୟାଳୟ ପରିସରରେ ଉଦ୍ଘାଟିତ ହୋଇଯାଇଛି। ଉକ୍ତ ଶିବିର ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାରମ୍ଭରେ ସକାଳ ୭ଟାରେ ପ୍ରଶିକ୍ଷଣ ଅଧ୍ୟାପିକା ଦୀପ୍ତିମୟୀ ସାଥୁଆଙ୍କ ସଂଯୋଜନାରେ ଏକ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ସଂଯୋଜକ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ଯୋଗଦେଇ ଶିବିରାର୍ଥିନି ମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ଲିପ୍ସା ଦାସ ଓ ପ୍ରଶିକ୍ଷକା ଭାବେ ଦେବଯାନୀ ପ୍ରଧାନ ଓ ସୁଶ୍ରୀ ସଙ୍ଗିତା ପଲେଇ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ସମ୍ବନ୍ଧରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଦୈନିକ ୧୬୦ ଜଣ ଛାତ୍ରୀ ଶିକ୍ଷା କରିବେ ବୋଲି ସଂଯୋଜିକା ଅଧ୍ୟାପିକା ଦୀପ୍ତିମୟୀ ସାଥୁଆ ସୂଚନା ଦେଇଛନ୍ତି।



